## ଅଲ୍ଲାଃ ତାଲାଙ୍କ ବାଣୀ

وَمَنۡ يَّكۡسِبۡ خَطِيۡٓـئَةً اَوۡ اِثۡمًا ثُمَّ يَرۡمِ بِهٖ بَرِيۡٓـئًا فَقَدِ احۡتَمَلَ بُهۡتَانًا وَّاِثۡمًا مُّبِيۡنًا○

(النساء:112)

ଅନୁବାଦ- ଏବଂ ଯେ କେହି ଦୁଷ୍କର୍ମ କରିବ, ତାହାର କର୍ମ ତାହାରି ଉପରେ (ଓଲଟି) ପଡ଼ିବ; ଏବଂ ଅଲ୍ଲାଃ ସର୍ବଜ୍ଞ (ଓ) ତତ୍ୱଜ୍ଞ । *(ନିସା: ୧୧୨)*


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 46

ସାପ୍ତାହିକ

# ବଦର

Weekly **BADAR** Qadian କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

12 ନଭେମ୍ବର 2020    12 ନବୁୱ୍ୱତ 1399 ହି.ଶ    25 ରବିଉଲ୍ ଅୱ୍ୱଲ୍ 1442 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

---

**ମତେ ବହୁତ ଆଶ୍ଚର୍ଯ୍ୟ ଲାଗିଥାଏ ଯେ ଲୋକମାନେ ନିଜ ପରିକା ମଣିଷର ଖୋଷାମଦ ତ କରିଥାନ୍ତି କିନ୍ତୁ ଈଶ୍ୱରଙ୍କର ଖୋଷାମଦ କରିନଥାନ୍ତି ।**

**ମନେରଖନ୍ତୁ ଯଦି ଆପଣଙ୍କ ପ୍ରାର୍ଥନାର ଶିଘ୍ର ଉତର ମିଳିଯାଏ ତେବେ ଏହା ସାଧାରଣତଃ ଏକ ଭଲ ସଙ୍କେତ ନୁହେଁ । ତେଣୁ ଦୁଆ (ପ୍ରାର୍ଥନା/ନିବେଦନ) ଉପରେ ଭରଷା ହରାନ୍ତୁ ନାହିଁ । ଯଦି ଦୁଆ ଗ୍ରହଣୀୟ ହେବାରେ ବିଳମ୍ବ ହୋଇଥାଏ ଏବଂ ତାହାର କୌଣସି ଉତର ମିଳିନଥାଏ ତେବେ ତୁମେ ଆନନ୍ଦରେ କୃତଜ୍ଞତା ଜ୍ଞାପନ କର କାରଣ ଏହା ତୁମ ପାଇଁ ଭଲ ଏବଂ ଅଧିକ ଲାଭଦାୟକ ହୋଇଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଈଶ୍ୱରଙ୍କ ବିବିଧ ପ୍ରକୃତି ହେଉଛି କରୁଣା

ଈଶ୍ୱରଙ୍କ ପ୍ରକୃତି ପରିବର୍ତନ କରିବା ମଧ୍ୟ ଏକ ଦୟା । ଦେଖ ୟୁନୁସ୍ ଆ:ସଙ୍କ କୌମଙ୍କ ପାଇଁ ସେ ନିର୍ଦ୍ଦିଷ୍ଟ ବାଣୀ ଅବତୀର୍ଣ୍ଣ କରିବାପରେ ମଧ୍ୟ ଯେତେବେଳେ ଲୋକମାନେ ଚିତ୍କାର କରିବା ଆରମ୍ଭ କଲେ ସେତେବେଳେ ସେ ଦଣ୍ଡକୁ ଟାଳି ଦେଲେ ଓ ସେମାନଙ୍କ ପ୍ରତି କରୁଣା ଦୃଷ୍ଟି ଦେଲେ । ଅତଏବ ଈଶ୍ୱରଙ୍କ ପରିବର୍ତିତ ପ୍ରକୃତିରେ ଏକ ଭିନ୍ନ ଆନନ୍ଦ ରହିଛି କିନ୍ତୁ କେବଳ ସେହି ଲୋକମାନେ ଏହାକୁ ଉପଭୋଗ କରିପାରିବେ ଯେଉଁମାନେ ତାଙ୍କ ଆଗରେ କାନ୍ଦିଥାନ୍ତି ଏବଂ ବିନମ୍ରତାର ସହିତ ନିବେଦନ କରିଥାନ୍ତି । ମତେ ବହୁତ ଆଶ୍ଚର୍ଯ୍ୟ ଲାଗିଥାଏ ଯେ ଲୋକମାନେ ନିଜ ପରିକା ମଣିଷର ଖୋଷାମଦ ତ କରିଥାନ୍ତି କିନ୍ତୁ ଈଶ୍ୱରଙ୍କର ଖୋଷାମଦ କରିନଥାନ୍ତି ।

### ପ୍ରାର୍ଥନା ଗ୍ରହଣୀୟ ହେବାରେ ବିଳମ୍ବ ହେବା ସଫଳତାର ଲକ୍ଷଣ

ମନେରଖନ୍ତୁ ଯଦି ଆପଣଙ୍କ ପ୍ରାର୍ଥନାର ଶିଘ୍ର ଉତର ମିଳିଯାଏ ତେବେ ଏହା ସାଧାରଣତଃ ଏକ ଭଲ ସଙ୍କେତ ନୁହେଁ । ତେଣୁ ଦୁଆ (ପ୍ରାର୍ଥନା/ନିବେଦନ) ଉପରେ ଭରଷା ହରାନ୍ତୁ ନାହିଁ । ଯଦି ଦୁଆ ଗ୍ରହଣୀୟ ହେବାରେ ବିଳମ୍ବ ହୋଇଥାଏ ଏବଂ ତାହାର କୌଣସି ଉତର ମିଳିନଥାଏ ତେବେ ତୁମେ ଆନନ୍ଦରେ କୃତଜ୍ଞତା ଜ୍ଞାପନ କର କାରଣ ଏହା ତୁମ ପାଇଁ ଭଲ ଏବଂ ଅଧିକ ଲାଭଦାୟକ ହୋଇଥାଏ ।

### ୟୁନୁସ୍ ଆ:ସଙ୍କ କୌମ୍‌ଠାରୁ ଦଣ୍ଡ ଟଳି ଯିବାର କାରଣ

ଦୁଆ (ପ୍ରାର୍ଥନା) ହେଉଛି ସଫଳତାର ଚାବିକାଠି । ୟୁନୁସ୍ ଆ:ସଙ୍କ କୌମ୍‌ର ଲୋକମାନେ, ସେମାନଙ୍କ କାନ୍ଦିବା ଓ ପ୍ରାର୍ଥନା ହେତୁ ଆସୁଥିବା ଦଣ୍ଡରୁ ରକ୍ଷା ପାଇଗଲେ । ମୋ ଜାଣିବାରେ ମୁହାତବତ୍ ମୁଗାଜବତ୍‌କୁ କୁହାଯାଏ । ଅର୍ଥାତ୍ ଆସନ୍ନ କ୍ରୋଧକୁ । ଆରବୀ ଶବ୍ଦ "ହୁତ୍"ର ଅର୍ଥ ହେଉଛି "ମାଛ" ଏବଂ "ନୁନ୍" ଶବ୍ଦଟି ଉଭୟ "କ୍ରୋଧ" ଏବଂ "ମାଛ" ପାଇଁ ବ୍ୟବହୃତ ହୋଇଥାଏ । ଅତଏବ ହଜ୍‌ରତ୍ ୟୁନୁସ୍ ଆ:ସଙ୍କର ସେହି ଅବସ୍ଥା ଏକ ମୁଗାଜିବତ (ଅର୍ଥାତ କ୍ରୋଧ) ଅବସ୍ଥା ଥିଲା । ପ୍ରକୃତ କଥା ହେଉଛି ଏହା କି ଯେତେବେଳେ ତାଙ୍କ ମନରେ ଆପତି ଓ ଅଭିଯୋଗର ଭାବନା ସୃଷ୍ଟି ହୋଇଥିଲା ଯେ ତାଙ୍କ ଦ୍ୱାରା କରାଯାଇଥିବା ଭବିଷ୍ୟବାଣୀ ଓ ପ୍ରାର୍ଥନା ନଷ୍ଟ ହୋଇଯାଇଛି ଓ ତେଣୁ ସେ ଆହୁରି ମଧ୍ୟ ବିବ୍ରତ ହୋଇଗଲେ ଯେ ସେ ଯାହା କହିଥିଲେ ତାହା କାହିଁକି ପୂରଣ ହେଲାନାହିଁ । ଏହି ସମସ୍ତ ଚିନ୍ତାଧାରା ତାଙ୍କ ମନରେ କ୍ରୋଧ ଅବସ୍ଥା ସୃଷ୍ଟି କଲା । ଏଥିରୁ ଗୋଟିଏ ଶିକ୍ଷା ମିଳୁଛି ଯେ ଅଲ୍ଲାଃ ଭାଗ୍ୟକୁ ବଦଳାଇ ଦେଇଥାଏ । ଆର୍ତନାଦ ଏବଂ ସଦ୍‌କାତ୍ (ଅର୍ଥାତ ଦାନପୂଣ୍ୟ) ଆସନ୍ନ ଦଣ୍ଡକୁ ମଧ୍ୟ କିଛି ମାତ୍ରାରେ ହ୍ରାସ କରିପାରେ । ଦାନ ଦେବାର ନୀତି ଏଥିରୁ ବାହାରିଛି । ଅଲ୍ଲାଃଙ୍କୁ ପ୍ରସନ୍ନ କରିବାପାଇଁ ଏଗୁଡ଼ିକ ହେଉଛି ଉପାୟ । ସ୍ୱପ୍ନର ବ୍ୟାଖ୍ୟା କରାଯାଇଥିବା ବିଜ୍ଞାନରେ ଧନର ଅର୍ଥ ହେଉଛି କଲିଜା । ତେଣୁ ଏହି କାରଣରୁ ଦାନ ଦେବା ହେଉଛି ଜଣଙ୍କର ଜୀବନ ଦେବା ସହିତ ସମାନ । ମଣିଷ ଦାନ ଦେବା ସମୟରେ ଆନ୍ତରିକତା ଏବଂ ସ୍ଥିରତା ପ୍ରଦର୍ଶନ କରିଥାଏ । ପ୍ରକୃତ କଥା ହେଉଛି ଏହା କି ଯେ ପର୍ଯ୍ୟନ୍ତ କର୍ମରେ କୌଣସି କଥାକୁ ନ ଦେଖାଇ ଦିଆଯାଇଛି ସେ ପର୍ଯ୍ୟନ୍ତ କଥାର କୌଣସି ମୂଲ୍ୟ ନାହିଁ । ସେଥିସକାଶେ ଏହାକୁ "ସଦ୍‌କା" କୁହାଯାଏ ଯେ ଏହା ସତ୍ୟବାଦୀମାନଙ୍କର ପ୍ରମାଣ ଚିହ୍ନ ।

***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୨୧୮-୨୧୯ ପ୍ରକାଶନ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ ନମାଜ୍‌ରେ ଏହି ଦୁଆ (ପ୍ରାର୍ଥନା) କରିବାକୁ ଶିଖାଇଲେ ।**

(୮୩୩) ହଜ୍‌ରତ୍ ଆଇଶା ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କଠାରୁ ଶୁଣିଛି କି ଆପଣ ସ:ଆ:ସ ନମାଜ୍‌ରେ ଦଜ୍ଜାଲ୍‌ର ଫିତ୍‌ନାରୁ ବଂଚିବା ପାଇଁ ଶରଣ ଭିକ୍ଷା କରୁଥିଲେ ।

(୮୩୪) ହଜ୍‌ରତ୍ ଅବୁବକର୍ ସଦ୍ଦିକ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ନିବେଦନ କଲେ ଯେ ଆପଣ ମତେ ନମାଜ୍‌ରେ ପଢ଼ିବାପାଇଁ କୌଣସି ଦୁଆ ଶିଖାନ୍ତୁ । ଆପଣ ସ:ଆ:ସ କହିଲେ ଏହି ଦୁଆ ପଢ଼ ।

اَللّٰهُمَّ اِنِّيۡ ظَلَمۡتُ نَفۡسِيۡ ظُلۡمًا كَثِيۡرًا وَّلَا يَغۡفِرُ الذُّنُوۡبَ اِلَّا اَنۡتَ فَاغۡفِرۡلِيۡ مَغۡفِرَةً مِّنۡ عِنۡدِكَ وَارۡحَمۡنِيۡ اِنَّكَ اَنۡتَ الۡغَفُوۡرُ الرَّحِيۡمُ

ଅର୍ଥାତ ହେ ଅଲ୍ଲାଃ ! ମୁଁ ମୋ ଉପରେ ବହୁତ ଅତ୍ୟାଚାର କରିଛି । ତୁମ ବ୍ୟତିତ କେହି ମଧ୍ୟ ମୋ ପାପମାନ କ୍ଷମା କରିପାରିବେ ନାହିଁ । ତେଣୁ ତୁମେ ସ୍ୱୟଂ ମୋତେ କ୍ଷମା କର ଓ ମୋ ଉପରେ କୃପା କର । ନିଶ୍ଚିତ ରୂପେ ତୁମେ ହିଁ କ୍ଷମା ପ୍ରଦାନକାରୀ ଓ ଦୟାଳୁ ଅଟ ।

(୮୬୮) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ କତାବାଃ ଅନ୍‌ସାରୀଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ । ମୁଁ ଯେବେ ନମାଜ ପାଇଁ ଛିଡ଼ା ହେଉଛି, ତାହାକୁ ଲମ୍ବା କରିବାକୁ (ଅର୍ଥାତ ଅଧିକ ସମୟ ପାଠ କରିବାକୁ) ଇଚ୍ଛା ରଖିଥାଏ କିନ୍ତୁ ଯେତେବେଳେ ଛୋଟ ପିଲାଙ୍କ କାନ୍ଦିବାର ସ୍ୱର ମୋ କାନରେ ପଡୁଛି ସେତେବେଳେ ମୁଁ ନମାଜକୁ ସଂକ୍ଷିପ୍ତ କରିଦେଉଛି (ଅର୍ଥାତ ଶିଘ୍ର ଶେଷ କରୁଛି) କାରଣ ମୁଁ ସେହି ପିଲାର ମା'କୁ କଷ୍ଟ ଦେବାକୁ ଚାହୁଁନାହିଁ ।

***(ସହୀ ବୁଖାରୀ, ଖଣ୍ଡ-୨, କିତାବୁଲ୍ ଅଜାନ୍, ମୁଦ୍ରଣ କାଦିଆନ୍ ୨୦୦୬)***

## ହଲାଲ୍ ବସ୍ତୁମାନଙ୍କ ମଧ୍ୟରେ ଖୁଦାତାଲାଙ୍କ ନିକଟରେ ସବୁଠାରୁ ଅଧିକା ଅପସନ୍ଦ ବସ୍ତୁ ହେଉଛି ତଲାକ୍ ।

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ: "ରସୁଲେ୍ କରିମ୍ ସ:ଆ:ସ କହିଛନ୍ତି **ଇନ୍ନା ଅବ୍‌ଗଜୁଲ୍ ହଲାଲି ଇନ୍‌ଦଲ୍ଲାହିତ ତଲାକ୍** ଅର୍ଥାତ ହଲାଲ (ବୈଧ) ବିଷୟଗୁଡ଼ିକ ମଧ୍ୟରେ ଈଶ୍ୱରଙ୍କ ନିକଟରେ ସବୁଠାରୁ ଅପସନ୍ଦ ଜିନିଷ ହେଉଛି ତଲାକ୍ । ଯେବେ ତଲାକ୍ ହଲାଲ୍ ବସ୍ତୁମାନଙ୍କ ମଧ୍ୟରେ ସବୁଠାରୁ ଅପସନ୍ଦ ତେବେ ଏପରି ଜଣେ ମୋମିନ୍ (ବିଶ୍ୱାସକାରୀ) ଯାହାଙ୍କ ହୃଦୟରେ ଅଲ୍ଲାଃଙ୍କ ପ୍ରେମ ରହିଛି, ସେ ଏହି ବସ୍ତୁର ନିକଟତର କିପରି ହୋଇପାରେ ଯାହା ସମ୍ବନ୍ଧରେ ସେ ଏକଥା ଜାଣୁଛି ଯେ ଏହା ଅଲ୍ଲାଃ ତାଲାଙ୍କୁ ଭିଷଣ ଅପସନ୍ଦ । ପ୍ରତ୍ୟେକ ଏପରି କାର୍ଯ୍ୟ ଯାହା ବୈଧ, ତାହାକୁ କରିବା ଜରୁରୀ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣିଛି ଯେ ବନାରସ୍, କଲିକତା, ମାଡ୍ରାସ ବା ବମ୍ବେ ଇତ୍ୟାଦ ସ୍ଥାନକୁ ଯିବା ହଲାଲ୍ କିନ୍ତୁ ଏମିତି କେତେ ଲୋକ ଅଛନ୍ତି ଯିଏ ସେ ସବୁସ୍ଥାନକୁ ଯାଇଥିବେ ? ଯଦି ହଲାଲ୍‌ର ଅର୍ଥ ହେଉଛି ଏହା କି ତାହା ନିଶ୍ଚିତ ରୂପେ କରାଯାଉ ତେବେ ପୁଣି ଏହା ହେବା କଥା ଯେ ଯେଉଁ ଲୋକମାନଙ୍କ ନିକଟରେ ସେହି ସବୁ ସହରମାନଙ୍କୁ ଯିବା ନିମନ୍ତେ ଟଙ୍କା ନଥିଲା, ସେମାନେ ନିଜର ଜମିବାଡ଼ି ବିକ୍ରିକରି ସେହି ହଲାଲ୍ କାର୍ଯ୍ୟକୁ ନିଶ୍ଚିତରୂପେ ସମ୍ପାଦନ କରିଥାଆନ୍ତେ କିନ୍ତୁ ଲୋକମାନଙ୍କର ଏପରି ନ କରିବା ଏହା ଜଣାଇଦେଉଅଛି ଯେ ସେମାନେ ଏହା ଭାବୁଛନ୍ତି ଯେ ଯେଉଁ କଥା ହଲାଲ୍ ଜୁରରୀ ନୁହେଁ କି ତାକୁ ନିଶ୍ଚିତ କରାଯାଉ । ବରଂ ସ୍ଥାନ କାଳ ଓ ଅବସରକୁ ଧ୍ୟାନ ଦେବା ମଧ୍ୟ ଜରୁରୀ ହୋଇଥାଏ । ଯଦି ଗୋଟିଏ ହଲାଲ୍ କାର୍ଯ୍ୟ କରିବା

ଦ୍ୱାରା ଅରୁଚିକର/ଅପସନ୍ଦ କଥା ସୃଷ୍ଟି ହେଉଥିବ ତେବେ ଏପରି କାର୍ଯ୍ୟରୁ ନିବୃତ ରହିବା ଠିକ୍ ହେବ । ଉଦାହାରଣ ସ୍ୱରୁପ ପିଆଜ ଖାଇବା ହଲାଲ୍ (ବୈଧ) ଅଟେ କିନ୍ତୁ ପିଆଜ ଖାଇ ମସ୍‌ଜିଦ୍ ଯିବା ମନା କାରଣ ତା'ର ଗନ୍ଧ ଯୋଗୁଁ ଲୋକମାନଙ୍କୁ କଷ୍ଟ ହୋଇଥାଏ । ସେହିପରି ମଣିଷ ପାଇଁ ଏହା ହଲାଲ୍ ଯେ ସେ ସବୁଜ ରଙ୍ଗର ବସ୍ତ୍ର ପିନ୍ଧୁ ବା କଳାରଙ୍ଗର ପିନ୍ଧୁ ଅଥବା ଲାଲ୍ ରଙ୍ଗର ବସ୍ତ୍ର ପିନ୍ଧୁ କିନ୍ତୁ ଯଦି କାହାର ବନ୍ଧୁ ଏକଥା ତାଙ୍କୁ କୁହନ୍ତି ଯେ ଏହି ଲାଲ ରଙ୍ଗର ବସ୍ତ୍ର କିଣନ୍ତୁ, ଏଥିରେ ସେ କହିଥାନ୍ତି ଯେ ମତେ ଲାଲ ରଙ୍ଗ ଭଲ ଲାଗେ ନାହିଁ । କାରଣ ତା ନିକଟରେ ହଲାଲ୍ ହେଉଛି ସେହି ବସ୍ତୁ ଯାହା ତାକୁ ପସନ୍ଦ ହୋଇଥାଏ ଓ ତା ମନକୁ ଭଲ ଲାଗିଥାଏ । ଖାଇବା ପାଇଁ ମଧ୍ୟ ଅଲ୍ଲାଃ ତାଲାଙ୍କର ଏ ନିର୍ଦ୍ଦେଶ ରହିଛି ଯେ ହଲାଲ୍ ଏବଂ ପବିତ୍ର ଜିନିଷକୁ ଖାଅ । କିନ୍ତୁ କେତେକ ଲୋକେ ବାଇଗଣ ଖାଆନ୍ତି ନାହିଁ । କିଛି ଲୋକେ କଖାରୁ ଖାଇବା ପସନ୍ଦ କରନ୍ତି ନାହିଁ । ଯଦି ତାଙ୍କୁ ପଚରା ଯାଏ ଯେ ଆପଣ ବାଇଗଣ କାହିଁକି ଖାଉନାହାନ୍ତି ? ସେ କୁହନ୍ତି ଆମକୁ ଏହା ପସନ୍ଦ ନାହିଁ । ସେହି ଦ୍ୱିତୀୟ ଜଣକୁ ଯଦି ପଚରାଯାଏ ଯେ ଆପଣ କଖାରୁ କାହିଁକି ଖାଉନାହାନ୍ତି ? ସେ କୁହନ୍ତି ଯେ ମୋ ସ୍ତ୍ରୀ ଆକୁ ପସନ୍ଦ କରୁନାହାନ୍ତି । ସେହି ଭଳି ଯେଉଁମାନେ ଘର ତିଆରି କରିଥାନ୍ତି । କିଏ ଏକ ମହଲା ତିଆରି କରିଥାଏ ତ କିଏ ଦୁଇ ମହଲା ଏବଂ କିଏ ତିନି ମହଲା ତିଆରି କରିଥାଏ । କିଏ ଘର ଆଗଣାରେ ବଗିଚା ଲଗାଇଥାଏ ତ କିଏ ବିନା ବଗିଚାରେ ଘର ତିଆରି କରିବାକୁ ପସନ୍ଦ କରିଥାଏ । ଏବେ ଦେଖନ୍ତୁ ଏହି ସବୁ ଜିନିଷ ହଲାଲ୍ (ବୈଧ) ଅଟେ କିନ୍ତୁ ସେ ସବୁ ଜିନିଷ ଉପରେ ପରିଚାଳିତ ହୋଇନଥାଏ । ଏହାର ଅର୍ଥ ହେଉଛି ଏହା କି ସେ ଏକଥା ବୁଝୁଛି ଯେ ସବୁ ହଲାଲ୍ ଜିନିଷ ଉପରେ ପରିଚାଳିତ ହେବା ଜରୁରୀ ନୁହେଁ । କିନ୍ତୁ ଯେବେ ସ୍ତ୍ରୀକୁ ତଲାକ ଦେବା କଥା ଉଠେ ସେତେବେଳେ ସେ କହିଥାଏ ଯେ ସ୍ତ୍ରୀକୁ ତଲାକ୍ ଦେବା ବୈଧ ତେଣୁ ବିନା ବୁଝାସୁଝାରେ ତାଙ୍କୁ ତଲାକ୍ ଦେଇଦିଆଯାଏ । ଯେବେ କି ମଣିଷ କେତେକ ହଲାଲ୍ ଜିନିଷକୁ ନିଜ ପାଇଁ କିଛି ନିଜ ବନ୍ଧୁମାନଙ୍କ ପାଇଁ ଏବଂ ସୋସାଇଟି ପାଇଁ ସର୍ବଦା ଛାଡ଼ି ଦେଇଥାଏ । ଏଭଳି ପରିସ୍ଥିତିରେ ଜଣେ ମୋମିନ୍‌ର ଅବସ୍ଥା ଏପରି ହୋଇଥାଏ ଯେ ସେ ସେହି ହଲାଲ୍ ଜିନିଷକୁ ଖୁଦାତାଲାଙ୍କ ଖାତିର ଛାଡ଼ି ଦେଇଥାଏ ଓ ଏହା ଭାବିଥାଏ ଯେ ଯେହେତୁ ଏ କାମ ମୋ ଖୁଦାଙ୍କୁ ପସନ୍ଦ ନାହିଁ ତେଣୁ ମୁଁ ଏ କାମ କରିବି ନାହିଁ । ଯଦି କରେ ତେବେ ମୋ ଖୁଦା (ଈଶ୍ୱର) ମୋଠାରୁ ନାରାଜ ହୋଇଯିବ । ତେଣୁ ସତକର୍ମ ଏହା ନୁହେଁ ଯେ ତଲାକ୍ ଦେବା ସାଧାରଣ କରାଯାଉ ବରଂ ସତ୍‌କର୍ମ ହେଉଛି ଏହା କି ତଲାକ୍‌ରୁ ବଂଚିବା ପାଇଁ ଚେଷ୍ଟା କରାଯାଉ । ହଲାଲ୍‌ର ଅର୍ଥ ହେଉଛି ଏହା କି ଯଦି ଚାହିଁବ କରିପାରିବ । ଏହା କାନୁନ ମୁତାବକ ମନା ନାହିଁ । କିନ୍ତୁ ତୁମକୁ ଅନ୍ୟର ମନୋଭାବ, ଅନ୍ୟର ଆବେଗ, ଅନ୍ୟର ସହାନୁଭୁତି ଏବଂ ଅନ୍ୟର ପ୍ରେମକୁ ମଧ୍ୟ ଧ୍ୟାନ ଦେବା ଉଚିତ । ଯେଉଁ ହଲାଲ୍ ଉପରେ ପରିଚାଳିତ ଦ୍ୱାରା ଅନ୍ୟର ସହାନୁଭୁତି, ଅନ୍ୟର ପ୍ରେମ, ଅନ୍ୟର ମନୋଭାବ, ଅନ୍ୟର ଆବେଗ ଏବଂ ଅନ୍ୟର ଭଲପାଇବା ହତ୍ୟା ହେଉଥିବ ତେବେ ତାହା ହଲାଲ ନୁହେଁ । ବରଂ ଏଭଳି ହଲାଲ୍ ଗୋଟିଏ ଦୀଗରୁ ହଲାଲ୍ ହେଉଥିବା ସ୍ଥଳେ ଅନ୍ୟ ଦୀଗରୁ ହରାମ୍ ।...............

***(ତଫ୍‌ସିର୍ କବୀର ଖଣ୍ଡ-୨, ପୃ-୫୧୯-୫୨୦.....୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ଉର୍ଦ୍ଦୁ ଭାଷାରେ ଗୋଟିଏ ତରନା ଉପସ୍ଥାପନ କରାଗଲା । ଏହି ତରାନା ପରେ ଫ୍ରେଂଚ୍‌ଭାଷାରେ ଛୋଟ ଛୋଟ ଝିଅପିଲାମାନେ ''ଖିଲାଫତ୍ ବିଷୟବସ୍ତୁ ଉପରେ ମଧ୍ୟ ଗୋଟିଏ ତରାନା ଉପସ୍ଥାପନ କଲେ ।

ତା'ପରେ ହଜୁର ଅନୱର ଅ:ବ:ଅ ୱାକିଫାତେ ନୌ ପିଲାମାନଙ୍କୁ ପ୍ରଶ୍ନ ପଚାରିବାପାଇଁ ଅନୁମତି ପ୍ରଦାନ କଲେ ।

ଜଣେ ୱାକିଫାଏ ନୌ ପଚାରିଲେ ଯେ, Mix Culture ରେ ବିବାହ କରିବାପାଇଁ ହଜୁର ଅନୱର ଅ:ବ:ଅଙ୍କର କଣ ମତ ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ଅହେମଦୀମାନଙ୍କର ବିବାହ ଅହେମଦୀମାନଙ୍କ ସହିତ ହେବା ଉଚିତ ବାକି ପ୍ରଶ୍ନ ହେଉଛି ଏହା କି, ଅନ୍ୟ ଯେଉଁ କୌମ୍‌ଗୁଡ଼ିକ ଅଛନ୍ତି ଯେମିତି ୟୁରୋପୀୟ କୌମ୍, ଆଫ୍ରିକୀୟ, ଆମେରିକାନ୍, ଏସିଆନ୍, ଫାର୍‌ଇଷ୍ଟର୍ଣ୍ଣ, ପାକିସ୍ତାନୀ ଏମାନେ ଆପୋଷରେ ବିବାହ କରିପାରିବେ କି ନାହିଁ ? ଯଦି ଭଲ ବନ୍ଧୁ ମିଳୁଛି ଓ ଅହେମଦୀ ଅଛନ୍ତି ତେବେ ବିବାହ କରିବା ଉଚିତ ଏହା ବହୁତ ଭଲକଥା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଗୋଟିଏ ସ୍ଥାନରେ ଲେଖିଛନ୍ତି ଯେ, ଯେତେବେଳେ ଆରବୀୟ ମୁସଲମାନମାନେ ହିନ୍ଦୁସ୍ତାନ ଆସିଥିଲେ ଯଦି ସେମାନେ ସେ ଯୁଗରେ ସ୍ଥାନୀୟ ଲୋକମାନଙ୍କ ସହିତ ବିବାହ କରିଥାନ୍ତେ ତେବେ ବର୍ତମାନ ଯେତିକି ମୁସଲମାନ ଅଛନ୍ତି ତାହା ବହୁତ ଅଧିକ ହୋଇଥାନ୍ତା ବରଂ ହିନ୍ଦୁମାନଙ୍କର ଯେଉଁ ବହୁତ ବଡ଼ ଇଲାକା ରହିଛି ତାହା ମୁସଲମାନମାନଙ୍କର ହୋଇଥାନ୍ତା କିନ୍ତୁ ଏବେ ଯେହେତୁ ଲୋକମାନେ ସାଂସାରିକ ମାୟାମୋହରେ ପଡ଼ି ରହିଛନ୍ତି ଓ ଧର୍ମଜ୍ଞାନ ସେମାନଙ୍କୁ ଜଣାନାହିଁ । ତେଣୁ କଲ୍‌ଚର୍ ଅବଶ୍ୟ ଅଲଗା ହେଉ ଯଦି ଧର୍ମ ଗୋଟିଏ ଓ ସେମାନେ ଅହେମଦୀ ମୁସଲମାନ ତେବେ ଯଦି ଏହିଭଳି ଭଲ ବନ୍ଧୁ ମିଳୁଅଛି ତେବେ ଦୁଆ କରି ବିବାହ କରିନେବା ଉଚିତ । ହଜୁର ଅନୱର ଅ:ବ:ଅଙ୍କ ପଚାରିବାରେ ସେହି ୱାକିଫାଏ ନୌ କହିଲେ ଯେ, ସେ ମ୍ୟାଥମେଟିକ୍ସରେ ଏମ୍.ଏ କରୁଛନ୍ତି ।

ଆଉ ଜଣେ ଝିଅ ପଚାରିଲେ ଯେ, କଣ ହଜୁର କିଚେନ୍‌ରେ ଆପାଜାନ୍‌ଙ୍କୁ ସାହାଯ୍ୟ କରନ୍ତି ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ଯଦି ତାଙ୍କୁ ସାହାଯ୍ୟ କରିବାର ଆବଶ୍ୟକତା ପଡ଼େ ତେବେ ସାହାଯ୍ୟ କରିଦିଏ ମୋ ଖିଆଲ୍‌ରେ ତାଙ୍କୁ କେବେ ଆବଶ୍ୟକ ପଡ଼େନାହିଁ କେବଳ ବେମାର ହେବା ଅବସ୍ଥାରେ ହିଁ ପଡ଼ିଥାଏ । କେବଳ ମୁଁ ପ୍ଲେଟ୍, ଚମଚ ଇତ୍ୟାଦି ଉଠାଇ ଦିଏ ଆଉ କଣ କାମ ଅଛି । ହଁ ଯେତେବେଳେ ଆମେ ବାହାରେ ଘାନାରେ ରହୁଥିଲୁ ସେତେବେଳେ ଜଣେ ଅନ୍ୟଜଣକୁ ସାହାଯ୍ୟ କରୁଥିଲୁ ସେତେବେଳେ ତା ନା ଗ୍ୟାସ ଥିଲା ନା ପାଣି ମିଳୁଥିଲା । ପାଣି ବୋହିଆଣି ଦେଉଥିଲି, ଚୁଲି ଭିତରେ କିରୋସିନ୍ ମଧ୍ୟ ମୁଁ ଭରୁଥିଲି, ଲ୍ୟାମ୍ପ ମଧ୍ୟ ମୁଁ ଜଳାଉଥିଲି ଏହିଭଳି ସବୁକିଛି କାମ କରୁଥିଲି ।

ଜଣେ ୱାକିଫାଏ ନୌ ଝିଅ ଫ୍ରେଂଚ୍ ଭାଷାରେ ପଚାରିଲେ ଯେ, ହଜୁର ଆପଣ ଏମିତି କୌଣସି ସ୍ୱପ୍ନ ଦେଖିଥିବେ ଯାହା ଅତ୍ୟନ୍ତ ମନମୁଗ୍ଧକାରୀ ହୋଇଥିବ ଓ ଆପଣଙ୍କୁ ମନେଥିବ କଣ ଆପଣ ତାହା ଆମକୁ ବତାଇପାରିବେ କି ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ଗୋଟଏ ବହୁତ ପୂରୁଣା ସ୍ୱପ୍ନ ଅଛି ମୁଁ ଯେତେବେଳେ ପରୀକ୍ଷା ଦେଉଥିଲି ସେତେବେଳେ ମୁଁ ଏହାକୁ ଦେଖିଥିଲି । ସେତେବେଳେ ଅଲ୍ଲାଃ ତାଲା ମତେ ସ୍ୱପ୍ନରେ ଦେଖାଇଲେ ଯେ, ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ଇଲ୍‌ହାମ୍ **ୟନ୍‌ସୁରୁକା ରିଜାଲୁନ୍ ନୂହି ଇଲୈହିମ୍ ମିନସ୍ ସମାଇ ।** ଏହି ଇଲ୍‌ହାମ୍‌ଟିକୁ ଅଲ୍ଲାଃ ତାଲା ମତେ ମଧ୍ୟ ବତାଇଲେ (ଯାହାର ଅର୍ଥ ହେଉଛି ତୁମର ସାହାଯ୍ୟ କିଛି ଲୋକ କରିବେ ଯେଉଁମାନଙ୍କୁ ଆକାଶରୁ ନିର୍ଦ୍ଦେଶ ମିଳୁଥିବ) । ତା'ପରେ ସେବେଠାରୁ ନେଇ ଏ ପର୍ଯ୍ୟନ୍ତ ଅଲ୍ଲାଃ ତାଲା ମତେ ସାହାଯ୍ୟ କରିଚାଲିଛନ୍ତି ।

ଆଉ ଜଣେ ୱାକିଫାଏ ନୌ ପଚାରିଲେ ଯେ, ଯେତେବେଳେ ହଜୁର ଅନୱର ଅ:ବ:ଅ ସ୍କୁଲ୍‌ରେ ପାଠ ପଢୁଥିଲେ । ସେତେବେଳେ କଣ ଏପରି କୌଣସି ବିଷୟ ଥିଲା ଯାହା ଆପଣଙ୍କୁ କଷ୍ଟ ଲାଗୁଥିଲା ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ମତେ ତ ସବୁ ପାଠ କଷ୍ଟ ଲାଗୁଥିଲା ସେଥିଯୋଗୁଁ ମୁଁ କୌଣସି ଭଲ ଛାତ୍ର ନଥିଲି କିନ୍ତୁ ଶେଷରେ ଅଲ୍ଲାଃ ତାଲା ତା କୃପାବଳରୁ କିଛି ଭଲ କରିଦେଲେ ମତେ ଜଣାନାହିଁ କିପରି ମୁଁ ଏମ୍.ଏ.ସି କରିନେଲି । ଆଜି କାଲି ତୁମେମାନେ ପାଠ ପଢ଼ିବା ଉଚିତ ।

ଜଣେ ୱାକ୍‌ଫେ ନୌ ପଚାରିଲେ ଯେ, ହଜୁର ଅନୱର ଅ:ବ:ଅ ପିଲାଦିନେ ଅଧିକ ମାଆଙ୍କ ନିକଟତର ଥିଲେ ବା ନିଜ ବାପାଙ୍କର ଅଧିକ ନିକଟତର ଥିଲେ ? ଏଥିରେ ହଜୁର ଅନୱର ଅ:ବ:ଅ କହିଲେ, ମୁଁ ଦୁଇଜଣଙ୍କର ନିକଟତର ଥିଲି । ଆମ ସମୟରେ ଯେଉଁ ପୁରୁଣା ବୟଜ୍ୟୋଷ୍ଠ ବ୍ୟକ୍ତିମାନେ ଥିଲେ ସେମାନେ ଗୋଟିଏ Barrier ରଖୁଥିଲେ କିନ୍ତୁ ଖାଇବା ଇତ୍ୟାଦିର ଧ୍ୟାନ ଦୁଇଜଣଯାକ ହିଁ କରୁଥିଲେ । ଯେତେବେଳେ ମୁଁ ବେମାର ପଡୁଥିଲି ସେତେବେଳେ ମୋ ବାପା ମତେ କହୁଥିଲେ ଛୁଟି ନେଇନିଅ ସ୍କୁଲ୍ ଯାଅନାହିଁ ସେତେବେଳେ ଆମକୁ ବାପା ବହୁତ ଭଲ ଲାଗୁଥିଲେ । ଖାଇବାର ଧ୍ୟାନ ରଖିବା ଓ ଅନ୍ୟାନ୍ୟ କଥାରେ ଦୁଇଜଣଯାକ ମୋ ସହିତ ଉତମ ବ୍ୟବହାର କରୁଥିଲେ ।

ଏଥିରେ ସେହି ଝିଅ ପିଲାଟି ପୁଣି କହିଲା ଯେ ଆପଣ କାହାକୁ ଅଧିକ ଭୟ କରୁଥିଲେ ? ହଜୁର ଅନୱର ଅ:ବ:ଅ କହିଲେ, ମତେ କାହାକୁ ମଧ୍ୟ ଭୟ ଲାଗୁନଥିଲା ହଁ ଏକଥାର ଭୟ ଥିଲା ଯେ ଯଦି କିଛି ଭୁଲ୍‌କାମ କରିବି ତେବେ ଦୁଇଜଣଙ୍କଠାରୁ ଧମକଚମକ ପଡ଼ିପାରେ ।

***କ୍ରମଶଃ......***

## ଜରୁରୀ ଘୋଷଣା

### ହଜୁର ଅନୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ  ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

କେଡ଼େ ହିଁ ସୌଭାଗ୍ୟଶାଳୀ ସେହି ଲୋକମାନେ ଯେଉଁମାନେ ଏ ଦୁନିଆରେ ମଧ୍ୟ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିଥିଲେ ଓ ପରକାଳରେ ମଧ୍ୟ ତାହାଙ୍କ ସାନ୍ନିଧ ପ୍ରାପ୍ତ କରିଛନ୍ତି ।

**ଅମିନୁଲ୍ ଉମ୍ମତ, ଅଶ୍ରା ମୁବଶରାର ସୁସମାଚାର ପ୍ରାପ୍ତ କରିଥିବା ବ୍ୟକ୍ତି,**
**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ୍ ବଦ୍‌ରି ସାହାବି**
**ହଜ୍‌ରତ୍ ଅବୁ ଉବୈଦାଃ ବିନ୍ ଜର୍‌ରାହ୍ ର:ଅଙ୍କ**
**ଉତମ ଗୁଣାବଳୀର ଚର୍ଚ୍ଚା ।**

ତିନିଜଣ ମରହୁମୀନ୍ (ମୃତକ) ପ୍ରଫେସର ଡ଼ାକ୍ତର ନଇମୁଦ୍ଦିନ୍ ଖଟକ୍ ସାହେବ୍ ଶହିଦ୍ ଅଫ୍ ପେଶାଓ୍ୱର, ଅଜିଜମ୍ ଉସାମା ସାଦିକ୍ ପିତା ମୁହମ୍ମଦ ସାଦିକ୍ ସାହେବ ଯାମିଆ ଅହେମଦୀୟା ଜର୍ମାନୀର ବିଦ୍ୟାର୍ଥି ଏବଂ ମୋକରମ୍ ସଲିମ୍ ଅହ୍‌ମଦ୍ ମଲକ୍ ସାହେବ୍ ଶିକ୍ଷକ ଯାମିଆ ଅହେମଦୀୟା ୟୁ.କେଙ୍କ ସୁଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜା ଗାଏବ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୦୯ ଅକ୍ଟୋବର ୨୦୨୦ ଅନୁଯାୟୀ ୦୯ ଇଖା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ମୁଁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ଜୀବନୀ ଚର୍ଚ୍ଚା କରୁଥିଲି । ଆଜି ମଧ୍ୟ ତାଙ୍କ ଜୀବନୀର ଅବଶିଷ୍ଟାଂଶ ଚର୍ଚ୍ଚା କରିବି । ୟର୍‌ମୁକ୍ ଯାହାକି ସିରିୟାର ବିଭିନ୍ନ ଉପତ୍ୟାକା ମଧ୍ୟରୁ ଗୋଟିଏ ଉପତ୍ୟାକା । ୧୫ ହିଜ୍‌ରୀରେ ସିରିୟାର ୟର୍‌ମୁକ୍ ନଦୀ ତଟରେ ସର୍ବବୃହତ ଯୁଦ୍ଧ ମୁସଲମାନ ଓ ଅମାନ୍ୟକାରୀଙ୍କ ମଧ୍ୟରେ ହୋଇଥିଲା । ରୋମି ସେନାବାହିନୀର ସଂଖ୍ୟା ୨.୫ ଲକ୍ଷ ଥିବା ସ୍ଥଳେ ସେମାନଙ୍କ ମୁକାବିଲାରେ ମୁସଲମାନମାନଙ୍କ ସଂଖ୍ୟା ମୋଟ ୩୦ ହଜାର ଥିଲା । ଯେଉଁମାନଙ୍କ ମଧ୍ୟରେ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ଏକହଜାର ସାହାବି ଥିଲେ ଏବଂ ସେଥି ମଧ୍ୟରେ ୧୦୦ ଜଣ ବଦ୍‌ରୀ ସାହାବା ଥିଲେ ।

ପରାମର୍ଶ କରିବାପରେ ମୁସଲମାନ ସେନାକୁ ଅସ୍ଥାୟୀ ରୂପେ ହିମସ୍ ଡ଼କାଇ ଦିଆଗଲା ଏବଂ ସେଠାକାର ଇସାଇ ଧର୍ମାଲମ୍ବୀମାନଙ୍କୁ କୁହାଗଲା ଯେହେତୁ ଆମେ ଅସ୍ଥାୟୀ ରୂପେ ତୁମକୁ ସୁରକ୍ଷା ପ୍ରଦାନ କରିପାରୁନାହୁଁ ତେଣୁ ତୁମ ଟିକସ ତୁମକୁ ଫେରସ୍ତ କରାଯାଉଛି କାରଣ ଯେଉଁଥିପାଇଁ ଆମେ ତୁମଠାରୁ କର ନେଇଥିଲୁ ସେହି ଉଦ୍ଦେଶ୍ୟ ଆମେ ପୁରଣ କରିପାରୁନାହୁଁ ଅତଏବ ସେମାନଙ୍କୁ ସେମାନଙ୍କ ଟିକସ ଫେରସ୍ତ କରିଦିଆଯାଇଥିଲା । ଉକ୍ତ ରାଶି ଅନେକ ଲକ୍ଷ ଟଙ୍କାର ଥିଲା ସେତେବେଳେ ଇସାଇମାନେ ମୁସଲମାନମାନଙ୍କ ସତ୍ୟତା ଓ ନ୍ୟାୟ ଆଚରଣ ଦେଖି ରୋଦନ କରିବା ଆରମ୍ଭ କରିଥିଲେ ଏବଂ ନିଜ ଘର ଛାତ ଉପରେ ଚଢ଼ି ଦୁଆ କରୁଥିଲେ କି ହେ ଦୟାଳୁ ମୁସଲମାନ ପ୍ରଶାସକ ପ୍ରଭୁ ତୁମକୁ ପୁନଃ ଫେରାଇ ଆଣନ୍ତୁ । ହିମସ୍ ଇଲାକାରୁ ମୁସଲମାନମାନେ ପଛକୁ ଫେରିବାପରେ ରୋମିମାନଙ୍କ ସାହାସ ଅଧିକ ଦୃଢ଼ିଭୁତ ହୋଇଥିଲା ଏବଂ ସେମାନେ ୟର୍‌ମୁକ୍ ପହଂଚି ମୁସଲମାନମାନଙ୍କ ବିରୋଧରେ ଶିବିର ଲଗାଇଥିଲେ । କିନ୍ତୁ ଅନ୍ତରରୁ ସେମାନେ ମୁସଲମାନମାନଙ୍କ ଉତ୍ସାହ ଓ ବିରତ୍ୱରେ ଭୟଭୀତ ଥିଲେ ତେଣୁ କରି ସନ୍ଧି ପାଇଁ ପ୍ରୟାସ ମଧ୍ୟ କରୁଥିଲେ । ଅତଏବ ରୋମିମାନଙ୍କ ସେନାଧକ୍ଷ ବାହାନା ଜର୍ଜ ନାମକ ଜଣେ ସନ୍ଦେଶବାହକକୁ ମୁସଲମାନ ସେନା ନିକଟକୁ ପ୍ରେରଣ କଲେ । ଯେତେବେଳେ ସେ ମୁସଲମାନ ସେନାବାହିନୀ ନିକଟରେ ପହଂଚିଲେ, ସେତେବେଳେ ସେ ମୁସଲମାନମାନଙ୍କୁ ମଗ୍‌ରିବ ନମାଜ ପାଠ କରୁଥିବାର ଦେଖିଲେ । ସେ ମୁସଲମାନମାନଙ୍କ ବିନମ୍ରତା ଓ ନିଜ ପ୍ରଭୁଙ୍କ ନିକଟରେ ନତମସ୍ତକ ହେବା ଦେଖି ପ୍ରଭାବିତ ହେଲେ । ସେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ କିଛି ପ୍ରଶ୍ନ ମଧ୍ୟ ପଚାରିଥିଲେ । ସେଥିମଧ୍ୟରୁ ଗୋଟିଏ ଏପରି ଥିଲା କି ହଜ୍‌ରତ୍ ଇଶା ଆ:ସଙ୍କ ସମ୍ବନ୍ଧରେ ଆପଣଙ୍କ ମତ କଣ ? ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ପବିତ୍ର କୋରାନ୍‌ର ନିମ୍ନ ପଂକ୍ତି ପାଠ କରିଥିଲେ: **ୟା ଅହ୍‌ଲଲ୍ କିତାବି ଲା ତଗ୍‌ଲୁ ଫି ଦୀନିକୁମ୍.......... ଓ୍ୱ କଫା ବିଲ୍ଲାହି ଓ୍ୱକିଲା (ନିସା:୧୭୨)** ଅର୍ଥାତ ହେ ଗ୍ରନ୍ଥଧାରୀମାନେ ତୁମେମାନେ ନିଜ ଧର୍ମସଂକ୍ରାନ୍ତରେ ଅତିରଞ୍ଜିତ କରନାହିଁ ଏବଂ ଅଲ୍ଲାଃଙ୍କ ସମ୍ବନ୍ଧରେ ସତ୍ୟ ଭିନ୍ନ ଅନ୍ୟ କିଛି କୁହନାହିଁ । ବାସ୍ତବରେ ମରିୟମ ନନ୍ଦନ ମସିହ ଇଶା ଅଲ୍ଲାଃଙ୍କର କେବଳ ଜଣେ ରସୁଲ ଥିଲେ ଏବଂ ତାହାଙ୍କର ଏକ ସୁସମାଚାର ଦାତା ଥିଲେ । ଯାହା ସେ ମରିୟମଙ୍କ ପ୍ରତି ଅବତୀର୍ଣ୍ଣ କରିଥିଲେ ଏବଂ ସେ ତାହାଙ୍କ ତରଫରୁ ଏକ କରୁଣା ଥିଲେ । ତେଣୁ ତୁମେମାନେ ଅଲ୍ଲାଃ ଓ ତାହାଙ୍କର ସମସ୍ତ ରସୁଲଙ୍କ ଉପରେ ବିଶ୍ୱାସ କର ଏବଂ ଅଲ୍ଲାଃ ତିନିଜଣ ବୋଲି କୁହନାହିଁ ଏଥିରୁ ନିବୃତ ରୁହ ଏହା ତୁମମାନଙ୍କ ପକ୍ଷେ ଉତମ ହେବ । ଅଲ୍ଲାଃ ହିଁ ଏକମାତ୍ର ଉପାସ୍ୟ ତାହାଙ୍କର କୌଣସି ସନ୍ତାନ ନାହିଁ ଏହା ତାଙ୍କ ମହିମାର ପ୍ରତିକୂଳ ଯାହା କିଛି ଆକାଶରେ ଅଛି ଓ ଯାହା କିଛି ପୃଥିବୀରେ ଅଛି ସେ ସବୁ ତାହାଙ୍କର ଏବଂ ଅଲ୍ଲାଃଙ୍କର ସୁରକ୍ଷା ବାହାରେ ଅନ୍ୟ କାହାରି ସୁରକ୍ଷାର ଆବଶ୍ୟକତା ନାହିଁ ।

ପୁନଶ୍ଚ ସେ ଆଉ ଏକ ପଂକ୍ତି ପାଠ କରିଥିଲେ: **ଲନ୍ ୟସ୍‌ତନ୍‌କିଫଲ୍ ମସିହୁ ଅଇଁ ୟକୁନା ଅବ୍‌ଦଲ୍ଲାହି ଓ୍ୱଲ୍ ମଲାଇକତୁଲ୍ ମୁକର୍‌ରବୁନ୍ । (ନିସା:୧୭୩)** ଅର୍ଥାତ ମସିହ ଅଲ୍ଲାଃଙ୍କର ଜଣେ ଭକ୍ତ ହୋଇଥିବା ବିଷୟ ତାଙ୍କୁ ଆଦୌଁ ଖରାପ ଲାଗିବନାହିଁ ଏବଂ ଅଲ୍ଲାଃଙ୍କର ସାନ୍ନିଧ ଲାଭ କରିଥିବା ଦେବଦୂତମାନେ ମଧ୍ୟ ଏହାକୁ ଖରାପ ଭାବିବେ ନାହିଁ । ସନ୍ଦେଶବାହକ ଜାରିଜ୍ ଯେତେବେଳେ ପବିତ୍ର କୋରାନ୍‌ର ଏହି ଶିକ୍ଷା ଶୁଣିଲା ସେତେବେଳେ ଉଚ୍ଚ ସ୍ୱରରେ କହିଉଠିଲା ନିଃସନ୍ଦେହ ରୂପେ ମସିହ ଏହି ମର୍ଯ୍ୟାଦା ଓ ସୁଗୁଣର ଅଧିକାରି ଏବଂ ତୁମର ଅବତାର ସତ୍ୟବାଦୀ ଅଟନ୍ତି ସୁତରାଂ ଏପରି ସେ ମୁସଲମାନ ହୋଇଗଲା ଅର୍ଥାତ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲା । ବର୍ତମାନ ସେ ନିଜ ଲୋକମାନଙ୍କ ନିକଟକୁ ଫେରିଯିବାକୁ ଚାହୁଁନଥିଲେ କିନ୍ତୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ, ଦେଖ ତୁମର ଏପରି କାର୍ଯ୍ୟ ଦ୍ୱାରା ରୋମିମାନେ ଆମ ଉପରେ ପ୍ରତିଜ୍ଞା ଭଙ୍ଗର ଆରୋପ ଲଗାଇବେ ତେଣୁ ଏବେ ତୁମେ ଫେରିଯାଅ ଆସନ୍ତାକାଲି ଯେତେବେଳେ ଆମ ବାର୍ତାବାହକ ସେଠାକୁ ଯିବ ତାହା ସଙ୍ଗେ ତୁମେ ଚାଲିଆସିବ । ପରବର୍ତୀ ଦିନ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ଶତ୍ରୁ ନିକଟକୁ ଗଲେ କିନ୍ତୁ କୌଣସି ସକାରାତ୍ମକ ପରିଣାମ ବାହାରିଲାନାହିଁ ଏବଂ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ ହୋଇଗଲା । ମୁସଲମାନ ସେନାପକ୍ଷରେ ପଛରେ ମହିଳାମାନେ ମଧ୍ୟ ଥିଲେ ଯିଏ ସୈନିକମାନଙ୍କୁ ଜଳପାନ କରାଉଥିଲେ ତଥା କ୍ଷତାକ୍ତମାନଙ୍କ ଦେଖାଶୁଣା ଓ ଯତ୍ନ ନେଉଥିଲେ, ସୈନିକମାନଙ୍କ ମନବଳକୁ ଦୃଢ଼ିଭୂତ କରୁଥିଲେ, ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଆସ୍‌ମା ବିନ୍‌ତେ ଅବୁବକର, ହଜ୍‌ରତ୍ ହିନ୍ଦ ବିନ୍‌ତେ ଉତ୍‌ବା ଯିଏ ମକ୍କା ବିଜୟ ସମୟରେ ମୁସଲମାନ ହୋଇଯାଇଥିଲେ ତଥା ଉମ୍ମେ ଅବାନା ମଧ୍ୟ ଉପସ୍ଥିତ ଥିଲେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ମୁସଲମାନ ମହିଳାମାନଙ୍କୁ ଉପଦେଶ ପୂର୍ବକ କହିଲେ ହେ ସଂଘର୍ଷକାରୀ ମହିଳାମାନେ ତମ୍ବୁର ଖୁଂଟି ହାତରେ ଧରିନିଅ । ପଥରରେ ନିଜର ଅଂଟି ଭରିନିଅ ଏବଂ ମୁସଲମାନମାନଙ୍କୁ ଉତ୍ସାହିତ କରାଅ ଏବଂ ତାଙ୍କୁ ମୁକାବିଲା କରିବାପାଇଁ ଅନୁପ୍ରାଣିତ କର ଏବଂ ତାଙ୍କୁ କୁହ ହେ ବୀର ଯୋଦ୍ଧାମାନେ ତୁମ ଜାତକରେ ପଛଘୁଂଚା ଦେବା ଲେଖାନାହିଁ । ଦେଖ ଯଦି ମୁସଲମାନମାନଙ୍କୁ ବିଜୟ ଲାଭ ହୁଏ ତେବେ ନିଜ ସ୍ଥାନରେ ବସି ରହିବ କିନ୍ତୁ ଯଦି ମୁସଲମାନମାନେ ପଛଘୁଂଚା ଦିଅନ୍ତି ତେବେ ସେମାନଙ୍କ ମୁହଁକୁ ସେହି ଖୁଂଟିଗୁଡ଼ିକ ମାରିବ ଏବଂ ଯୁଦ୍ଧ କ୍ଷେତ୍ରକୁ ଫେରାଇଦେବ ଏବଂ ନିଜ ସନ୍ତାନମାନଙ୍କୁ ଉପରକୁ ଉଠାଇ କହିବ ଯାଅ ନିଜ ସ୍ତ୍ରୀ ପିଲାଙ୍କ ଓ ଇସ୍‌ଲାମ୍‌ର ମର୍ଯ୍ୟାଦା ରକ୍ଷା କର ଓ ନିଜ

ପ୍ରାଣର ଆହୁତି ଦିଅ । ଏଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ମୁସଲମାନ ସେନାକୁ ଏକ ସାରା ଗର୍ଭକ ଓ ଉତ୍ସାହବର୍ଦ୍ଧକ ପୂର୍ଣ୍ଣ ଅଭିଭାଷଣ ଦେଇ କହିଲେ, ହେ ପ୍ରଭୁଙ୍କ ଭକ୍ତଗଣ ପ୍ରଭୁଙ୍କ ସାହାଯ୍ୟ ସହଯୋଗ ଲାଭ କରିବାପାଇଁ ଆଗକୁ ଅଗ୍ରସର ହୁଅ ସେ ତୁମର ସହାୟତା କରିବେ ଏବଂ ଯୁଦ୍ଧକ୍ଷେତ୍ରରେ ତୁମ ପାଦକୁ ସୁଦୃଢ଼ କରିବେ । ହେ ପ୍ରଭୁଙ୍କ ଭକ୍ତଗଣ ! ଧୈର୍ଯ୍ୟ ରକ୍ଷାକର କାରଣ ଧୈର୍ଯ୍ୟ ହିଁ ଅମାନ୍ୟ କରିବାରୁ ମୁକ୍ତି ପ୍ରଦାନ କରିବ । ତଥା ପ୍ରଭୁଙ୍କୁ ପ୍ରସନ୍ନିତ କରିବ ଓ ଲଜ୍ଜାକୁ  ପରିଛନ୍ନ କରିବାର ମାଧମ ସାଜିଥାଏ । ନିଜ ଧାଡ଼ିକୁ ଭଙ୍ଗ କରିବନାହିଁ ଯୁଦ୍ଧର ଆରମ୍ଭ ତୁମ ଆଡୁ ନ ହେଉ ନିଜ ବର୍ଚ୍ଛାଗୁଡ଼ିକୁ ସମ୍ଭାଳି ରଖ ଏବଂ ନିଜ ଜହ୍ୱାକୁ ପ୍ରଭୁଙ୍କ ପ୍ରଶଂସାଗାନ କରିବାରେ ଭିଜାଇ ରଖ ଫଳତଃ ପ୍ରଭୁ ଆମ ଅଭିଳାଷା ପୂରଣ କରନ୍ତୁ ।

ଅମାନ୍ୟକାରୀଙ୍କ ସେନା ସମୁଦ୍ରର ଲହଡ଼ି ପରି ଆଗକୁ ଅଗ୍ରସର ହେଉଥିଲା । ଶତୃମାନଙ୍କ ସେନାଦଳର ଆଗରେ ସୁନା ନିର୍ମିତ କୃଶ ଥିଲା । ସେମାନଙ୍କ ଅସ୍ତ୍ରଶସ୍ତ୍ର ଚମକ ଆଖିକୁ ଚମକାଇ ଦେଇଥିଲା । ଆପାଦମସ୍ତକ ଲୁହା ବସ୍ତ୍ରରେ ଆଚ୍ଛାଦିତ ଥିଲେ । ସେମାନେ ନିଜ ଗୋଡ଼ରେ ଶିକୁଳୀ ପକାଇଥିଲେ ଯେ ଆମେ ରଣକ୍ଷେତ୍ରରୁ ପଳାୟନ କରିବୁନାହିଁ । ମାରିବୁ ବା ମରିବୁ । ସେମାନଙ୍କୁ ପାଦ୍ରୀମାନେ ଉତ୍ସାହିତ କରୁଥିଲେ । ପ୍ରାରମ୍ଭରେ ଯୁଦ୍ଧର ପରିଣାମ ରୋମିମାନଙ୍କ ପକ୍ଷରେ ରହିଥିଲା ଏବଂ ସେମାନେ ମୁସଲମାନମାନଙ୍କୁ ପଛକୁ ଘୁଂଚିବାକୁ ବାଧ କରିଥିଲେ ।

ଇସାଇମାନେ ନିଜର କିଛି ତୀର ନିକ୍ଷେପକାରୀ ଏକ ଉଚ୍ଚ ଚଟାଣ ଉପରେ ବସାଇ ଦେଇଥିଲେ ଓ ସେମାନଙ୍କର ପ୍ରମୁଖ ଏହି ନିର୍ଦ୍ଦେଶ ଦେଇଥିଲେ ଯେ ବିଶେଷକରି ତୁମେ ସାହାବାଙ୍କୁ ଲକ୍ଷ କର ଓ ତାଙ୍କ ଉପରକୁ ନିକ୍ଷେପ କର କାରଣ ସେମାନେ ଜାଣିଥିଲେ ଯେ, ଯଦି ବଡ଼ ବଡ଼ ସାହାବା ନିହତ ହୋଇଯାଆନ୍ତି ତେବେ ତଳ ପାହ୍ୟାର ସୈନିକମାନଙ୍କ ମନବଳ ଭୁଷୁଡ଼ି ଯିବ ଏବଂ ସେମାନେ ରଣଭୁମିରୁ ପଳାୟନ କରିବେ । ସେମାନଙ୍କ ଏହି ଯୋଜନା ଫଳପ୍ରଦ ହେଲା ଏବଂ କେତେକ ସାହାବା ମଧ୍ୟ ନିହତ ହେଲେ ତଥା କେତେକଙ୍କ ଚକ୍ଷୁ ନଷ୍ଟ ହୋଇଗଲା ଅକ୍ରମା ଏହି ଅବସ୍ଥା ଦେଖି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ କହିଲେ, ସାହାବା ନିଜ ଧର୍ମର ପାଳନ କରିସାରିଛନ୍ତି ଅର୍ଥାତ ପ୍ରାଣପ୍ରଣେ ଉଦ୍ୟମ କରି ଲଢ଼ି ସାରିଛନ୍ତି ବର୍ତମାନ ଆମେ ଯେ ପରେ ଆସିଛୁ ଅର୍ଥାତ ପରବର୍ତୀ ସମୟରେ ଇସ୍‌ଲାମ୍ ଧର୍ମରେ ଅନ୍ତର୍ଭୁକ୍ତ ହୋଇଛୁ, ଆମକୁ ପୂଣ୍ୟ ଅର୍ଜନ କରିବାକୁ ସୁଯୋଗ ଦିଆଯାଉ ଆମେ ରୋମି ସେନାର ମଧ୍ୟଭାଗରେ ପ୍ରବେଶ କରି ଆକ୍ରମଣ କରି ଇସାଇ ସେନାଧକ୍ଷକୁ ନିହତ କରିଦେବୁ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ ଏହା ତ ଅତ୍ୟନ୍ତ ବିପଦପୂର୍ଣ୍ଣ ପଦକ୍ଷେପ ହେବ ଏତଦ୍‌ଦ୍ୱାରା ଯେତେକ ଯୁବଗୋଷ୍ଠୀ ବାହାରିବେ ସେ ସମସ୍ତେ ଶହୀଦ ହୋଇଯିବେ, ଅକ୍‌ରମା ଉତର ଦେଲେ ତାହା ତ ଠିକ୍ କିନ୍ତୁ ଏତଦ୍‌ବ୍ୟତିତ ଅନ୍ୟ କୌଣସି ପନ୍ଥା ମଧ୍ୟ ନାହିଁ । କଣ ଆପଣ ଏକଥାକୁ ପସନ୍ଦ କରିବେ ଯେ ଆମେ ଯୁବକମାନେ ଜୀବିତ ରହୁ ଓ ସାହାବାମାନେ ମରିଯାଆନ୍ତୁ ? ଶେଷରେ ତାଙ୍କ ଅଳିରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ତାଙ୍କୁ ଅନୁମତି ପ୍ରଦାନ କରିଥିଲେ । ଏପରି ସେ ଶତୃ ମଧ୍ୟଭାଗରେ ଆକ୍ରମଣ କରିଦେଲେ ଏବଂ ଶତୃକୁ ପରାସ୍ତ କଲେ କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶ ଶହୀଦ ହୋଇଗଲେ ଅର୍ଥାତ ସେହି ସାହାବାମାନଙ୍କ ମଧ୍ୟରୁ କିନ୍ତୁ ପରିଣାମ ସ୍ୱରୁପ ଶତୃପକ୍ଷର ୮୦ ହଜାର ସୈନିକ ଯୁଦ୍ଧକ୍ଷେତ୍ରରୁ ପଳାୟନ କରି ୟରମୁକ୍ ନଦୀରେ ବୁଡ଼ି ମୃତ୍ୟୁବରଣ କରିଥିଲେ । ଏହି ଯୁଦ୍ଧର ଏକ ଲକ୍ଷ ରୋମି ସୈନିକଙ୍କୁ ମୁସଲମାନମାନେ ହତ୍ୟା କରିଥିଲେ ଏବଂ ତିନିହଜାର ମୁସଲମାନ ସୈନିକ ଶହୀଦ ହୋଇଥିଲେ ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୨୧-୨୫) (ତଫ୍‌ସିର୍ କବୀର୍ ଖଣ୍ଡ-୧୦, ପୃ-୧୮୧) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୪୯୭...... ବେରୁତ)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି, - ଯେତେବେଳେ ଯୁଦ୍ଧ ସମାପ୍ତ ହେଲା ସେତେବେଳେ ମୁସଲମାନମାନଙ୍କ ମଧ୍ୟରେ ବିଶେଷ କରି ଅକ୍‌ରମା ନିଜ ସାଥିମାନଙ୍କୁ ଖୋଜିଥିଲେ ଦେଖିଲେ ଯେ ସେମାନଙ୍କ ମଧ୍ୟରୁ ୧୨ ଜଣ ଭୀଷଣ ରୂପେ କ୍ଷତାକ୍ତ ହୋଇ ପଡ଼ିଛନ୍ତି । ସ୍ୱୟମଂ ଅକ୍‌ରମା ମଧ୍ୟ ଭିଷଣ ଭାବରେ କ୍ଷତବିକ୍ଷତ ହୋଇ ପଡ଼ିରହିଥିଲେ । ଜଣେ ସୈନିକ ତାଙ୍କ ନିକଟକୁ ଆସିଲା ଏବଂ ତାଙ୍କ ଅବସ୍ଥା ଦେଖି କହିଲା ଅକ୍‌ରମା ମୋ ନିକଟରେ ଜଳ ଅଛି ଏଥିରୁ କିଛି ପାନ କରିନିଅନ୍ତୁ । ଅକ୍‌ରମା ମୁହଁ ବୁଲାଇ ଦେଖିଲେ ତାଙ୍କ ନିକଟରେ ହଜ୍‌ରତ୍ ଅବ୍‌ବାସ ର:ଅଙ୍କ ପୁତ୍ର ହଜ୍‌ରତ୍ ଫଜଲ୍ କ୍ଷତାକ୍ତ ହୋଇ ପଡ଼ିଛନ୍ତି । ଅକ୍‌ରମା ଉକ୍ତ ସୈନିକକୁ କହିଲେ ମୋର ସ୍ୱାଭିମାନ ବରଦାସ୍ତ କରୁନାହିଁ ଯେ, ଏମାନେ ଯେ କି ପ୍ରାରମ୍ଭିକ ପ୍ରଯ୍ୟାୟରେ ଇସ୍‌ଲାମ୍‌ର ପୁଷ୍ଟପୋଷକତା କଲେ ଏବଂ ସେତେବେଳେ ଆମେ ଇସ୍‌ଲାମ୍‌ର ବିରୋଧ କରୁଥିଲୁ ତେବେ ସେମାନଙ୍କ ସନ୍ତାନ ଆଜି ତୃଷ୍ଣାରେ ଶେଷ ନିସ୍ୱାଶ ତ୍ୟାଗ କରନ୍ତୁ ଏବଂ ଆମେ ଜଳପାନ କରି ଜୀବିତ ରହୁ । ଦେଖ କିଭଳି ଭାବନା ଓ ନବ ଉନ୍ମାଦନ ସେମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯାଇଥିଲା କି ନିଜ ଉପରେ ନିଜ ଭାଇକୁ ପ୍ରାଧାନ୍ୟ ଦେଉଥିଲେ ଅତଏବ ସେ ତାକୁ କହିଲେ ପ୍ରଥମେ ହଜ୍‌ରତ୍ ଫଜଲ୍‌କୁ ଜଳପାନ କରାଅ ଯଦି କିଛି ବଂଚି ଯାଏ ତେବେ ମତେ ଆଣି  ପିଆଇ ଦେବ । ସେ ତାହା ନେଇ ହଜ୍‌ରତ୍ ଫଜଲଙ୍କ ନିକଟକୁ ଗଲେ କିନ୍ତୁ ସେ ପରବର୍ତୀ ସାହାବାଙ୍କୁ ଇଙ୍ଗିତ କରି କହିଲେ ତାଙ୍କୁ ପ୍ରଥମେ ଜଳପାନ କରାଅ କାରଣ ସେ ମୋଠାରୁ ଅଧିକ ଶୋଷିଲା ସେ ତାହା ନେଇ ସମ୍ପୃକ୍ତ ବ୍ୟକ୍ତି ନିକଟକୁ ଗଲେ ସେ ପୁନଶ୍ଚ ପରବର୍ତୀ ସାହାବାଙ୍କୁ ଜଳପାନ କରାଇବାକୁ ଇଙ୍ଗିତ କଲେ, ଏପରି ସେ ଯାହା ନିକଟକୁ ଯାଉଥିଲେ ସେ ତାହାର ଅନ୍ୟ ସାଥି ନିକଟକୁ ତାଙ୍କୁ ପଠାଇ ଦେଉଥିଲା । ଯେତେବେଳେ ସେ ଶେଷ କ୍ଷତାକ୍ତ ବ୍ୟକ୍ତିଙ୍କ ନିକଟରେ ପହଂଚିଲେ ସେତେବେଳକୁ ସେ ନିଜର ଶେଷ ନିସ୍ୱାଶ ତ୍ୟାଗ କରିସାରିଥିଲେ । ବସ୍ତୁତଃ ସେ ପୂର୍ବବର୍ତୀ ସାହାବାଙ୍କ ନିକଟକୁ ଫେରିବା ଆରମ୍ଭ କଲେ ଏହିଭଳି ଗୋଟିକ ପରେ ଗୋଟିଏ ପାର କରି ଅକ୍‌ରମା ନିକଟରେ ପହଂଚିଲେ ଏବଂ ସେ ସମସ୍ତେ ଏହି ଇହଧାମରୁ ବାହୁଡ଼ି ଯାଇଥିଲେ ଅର୍ଥାତ ସମସ୍ତଙ୍କର ମୃତ୍ୟୁ ହୋଇସାରିଥିଲା ।

***(ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୬, ପୃ-୨୩୦-୨୩୧)***

ସିରିୟା ନିବାସୀ ଭିନ୍ନ ଭିନ୍ନ ଧର୍ମାଲମ୍ବୀ ଥିଲେ ସେମାନଙ୍କ ଭାଷା ଓ ବଂଶ ମଧ୍ୟ ଭିନ୍ନ ଭିନ୍ନ ଥିଲା । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ସେମାନଙ୍କ ମଧ୍ୟରେ ନ୍ୟାୟ ସମନ୍ୱୟ ରକ୍ଷା କରିଥିଲେ । ସେମାନଙ୍କ ମଧ୍ୟରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକଙ୍କୁ ଧାର୍ମିକ ସ୍ୱାଧିନତା ପ୍ରଦାନ କରିଥିଲେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ପ୍ରଚେଷ୍ଟା ବଶତଃ ଯେଉଁ ଆରବୀୟମାନେ ସିରିୟାରେ ବସବାସ କରୁଥିଲେ ଏବଂ ଇସାଇ ଧର୍ମାଲମ୍ବୀ ଥିଲେ ସେମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଇଥିଲେ । ଏହିଭଳି ସେମାନେ ତବ୍‌ଲିଗ୍ ଦ୍ୱାରା ଓ ମୁସଲମାନମାନଙ୍କ ସୁନ୍ଦର ନମୁନା ଦେଖି ଇସ୍‌ଲାମ୍ ଧର୍ମରେ ଦିକ୍ଷୀତ ହୋଇଥିଲେ ନାଁ କି ବଳପ୍ରୟୋଗ ଦ୍ୱାରା ସେମାନେ ମୁସଲମାନ ହୋଇଥିଲେ ଏପରି କି ରୋମି ଓ ଇସାଇମାନେ ମଧ୍ୟ ମୁସଲମାନମାନଙ୍କ ଉତମ ଚରିତ୍ର ଓ ସୁନ୍ଦର ବ୍ୟବହାରରେ ପ୍ରଭାବିତ ହୋଇ ମୁସଲମାନ ହୋଇଯାଇଥିଲେ । ୟରମୁକ୍ ବିଜୟର କିଛିଦିନ ପୂର୍ବରୁ ହଜ୍‌ରତ୍ ଅବୁବକର ର:ଅଙ୍କର ଦେହାନ୍ତ ଘଟିଥିଲା ଏବଂ ହଜ୍‌ରତ୍ ଉମର୍ ଖିଲାଫତର ଆସନରେ ବିରାଜମାନ ହୋଇଥିଲେ । ହଜ୍‌ରତ୍ ଉମର୍ ର:ଅ ସିରିୟାର ସେନାଧକ୍ଷ ଭାବେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ନିୟୋଜିତ କରିଥିଲେ । ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କୁ ଉମର୍ ର:ଅଙ୍କ ଉକ୍ତ ପତ୍ର ହସ୍ତଗତ ହୋଇଥିଲା ସେତେବେଳେ ଭୀଷଣ ଯୁଦ୍ଧ ଅର୍ଥାତ ଘମାସାନ ଯୁଦ୍ଧ ଚାଲିଥିଲା ଏଣୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଉକ୍ତ ପତ୍ରର ଆଲୋଚନା କଲେନାହିଁ ଯେତେବେଳେ ହଜ୍‌ରତ୍ ଖାଲିଦ୍‌ଙ୍କୁ ତାହାର ସୁଚନା ମିଳିଲା ସେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ କହିଲେ, ଆପଣ ଏକଥା କାହିଁକି ଗୋପନ ରଖିଲେ, ପ୍ରତିଉତରରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ ଆମେ ଶତୃର ମୁକାବିଲା କରୁଥିଲେ ତେଣୁ ମୁଁ ସେପରି ପରିସ୍ଥିତିରେ ଆପଣଙ୍କୁ ନିମିତ ମାତ୍ର କଷ୍ଟ ପଂହଚାଇବାକୁ ଚାହୁଁନଥିଲି । ୟରମୁକ୍ ଯୁଦ୍ଧର କିଛି ଦିନ ପୂର୍ବରୁ ହଜ୍‌ରତ୍ ଉମର୍ ର:ଅ ସିରିୟା ଅଭିମୁଖେ ବାହାରିଥିଲେ ମୁସଲମାନ ସେନାର ସେନାପତି ପଦ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ପ୍ରଦାନ କରିଥିଲେ । ସେତେବେଳେ ମୁସଲମାନମାନଙ୍କୁ ସେନାଧିକ୍ଷ ହଜ୍‌ରତ୍ ଖାଲିଦ୍ ବିନ୍ ଓ୍ୱଲିଦ୍ ର:ଅ ଥିଲେ । ୟରମୁକ୍ ଯୁଦ୍ଧ ବିଜୟ ପରେ ଯେତେବେଳେ ହଜ୍‌ରତ୍ ଖାଲିଦ୍ ନିଜ ସେନାକୁ ନେଇ ଇରାକ ପ୍ରତ୍ୟାବର୍ତନ କଲେ ଖାଲିଦ୍ ମୁସଲମାନମାନଙ୍କୁ କହିଲେ ତୁମକୁ ପ୍ରସନ୍ନିତ ହେବାକୁ ଉଚିତ କାରଣ ତୁମ ସର୍ଦ୍ଦାର ଏହି ଉମ୍ମତର ଅମୀନ୍ ଅର୍ଥାତ ବିଶ୍ୱସ୍ଥ ଏଥିରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଛି ଯେ, ଖାଲିଦ୍ ବିନ୍ ଓ୍ୱଲିଦ୍ ପରମେଶ୍ୱରଙ୍କ ଖଡ୍ଗ ମଧ୍ୟରୁ ଗୋଟିଏ ଖଡ୍ଗ । ବସ୍ତୁତ୍ୱ ଏପରି ଉଭୟ ମୁଖିଆ ମୁସଲମାନ ସେନାବାହିନି ସମ୍ମୁଖରେ ପରସ୍ପରର ମର୍ଯ୍ୟାଦା ଓ ସମ୍ମାନ ବଜାୟ ରଖି ପରସ୍ପରକୁ ବିଦାୟ ଦେଇଥିଲେ ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୨୬-୨୭)***

ଏହା ଅଟେ ପ୍ରକୃତ ବିଶ୍ୱାସକାରୀର ଧର୍ମପରାୟଣତାର ସ୍ତର ଯିଏ ନିଜ ନାମ ଓ ପ୍ରଶଂସାର ଅଭିଳାଷି ନଥିଲେ ନା ସେମାନଙ୍କର କୌଣସି ଉଚ୍ଚ ପଦ ପାଇବାର ଆଶା ରହିଥିଲା ଉଦ୍ଦେଶ୍ୟ କେବଳ ଗୋଟିଏ ଓ ସ୍ପଷ୍ଟ ଥିଲା କି କିଭଳି ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିବୁ ଏବଂ ପରମେଶ୍ୱରଙ୍କ ପ୍ରଭୁତ୍ୱ ସମଗ୍ର ସଂସାରରେ ସ୍ଥାପିତ ହୋଇଯିବ ଅତଏବ ଏମାନେ ଆମମାନଙ୍କ ପାଇଁ ଆଦର୍ଶ ତେଣୁ ପ୍ରତ୍ୟେକ କର୍ମକର୍ତା ବରଂ ପ୍ରତ୍ୟେକ ଅହେମଦୀଙ୍କୁ ଏସବୁ କଥା ନିଜ ସମ୍ମୁଖରେ ରଖିବା ଉଚିତ ।

ବଇତୁଲ୍ ମୁକଦସ୍ ବିଜୟରେ ମଧ୍ୟ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କର ଅବଦାନ ରହିଛି । ହଜ୍‌ରତ୍ ଉମର୍ ବିନ୍ ଆସ ର:ଅଙ୍କ ନେତୃତ୍ୱରେ ଇସ୍‌ଲାମୀୟ ସେନା ଫିଲସ୍ତିନ ଆଡ଼କୁ ଅଗ୍ରସର ହେଲା । ଯେତେବେଳେ ସେମାନେ ଫିଲସ୍ତିନ ସହର ବିଜୟ କରି ବଇତୁଲ୍ ମୁକଦସ୍ ର ଘେରାଉ କଲେ ସେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ସେନା ମଧ୍ୟ ଆସି ମିଳିତ ହୋଇଗଲା । ଇସାଇମାନେ ବାଧ୍ୟ ହୋଇ ସନ୍ଧିର ପ୍ରସ୍ତାବ ଦେଲେ କିନ୍ତୁ ସର୍ତ ରଖିଲେ କି ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ଆସି ସନ୍ଧିର ସର୍ତାବଳୀ ନିର୍ଦ୍ଧାରଣ କରନ୍ତୁ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଇସାଇମାନଙ୍କ ଏହି ପ୍ରସ୍ତାବ ହଜ୍‌ରତ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କଲେ । ଏଥିରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅଲୀ ର:ଅଙ୍କୁ ନିଜ ପଛରେ ଅମୀର ନିୟୋଜିତ କରି ୧୬ ହିଜ୍‌ରୀ ରବିଉଲ୍ ଅଓ୍ୱଲ୍ ମାସରେ ମଦିନାରୁ ବାହାରି ଥିଲେ ଏବଂ ଯାବିୟା ନାମକ ସ୍ଥାନରେ ପହଂଚିଥିଲେ ଯାହାକି ଦମିସ୍କ ନିକଟବର୍ତୀ ଏକ ବସ୍ତି ଥିଲା ସେଠାରେ କାଏଦ୍‌ମାନେ ଆପଣଙ୍କୁ ସ୍ୱାଗତ କରିଥିଲେ । ସେମାନଙ୍କୁ ଆପଣ କହିଲେ ମୋ ଭାଇ କେଉଁଠାରେ ? ଲୋକେ ପଚାରିଲେ ହେ ଅମୀରୁଲ୍ ମୁମିନିନ୍

ଏଥିରେ ଆପଣଙ୍କ ଉଦ୍ଦେଶ୍ୟ କିଏ ? ଆପଣ କହିଲେ, ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ । ଲୋକେ କହିଲେ ସେ ଆସୁଛନ୍ତି ଇତି ମଧ୍ୟରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ ଓଟରେ ଚଢ଼ି ଆସି ପହଂଚିଗଲେ ଏବଂ ସଲାମ୍ କହି ହଜୁରଙ୍କ ଖବର ପଚାରି ବୁଝିଲେ । ହଜ୍‌ରତ୍ ଉମର ର:ଅ ବାକି ସମସ୍ତ ଲୋକଙ୍କୁ ଯିବାକୁ କହିଲେ ଏବଂ ସ୍ୱୟମଂ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ସାଥିରେ ତାଙ୍କ ନିବାସସ୍ଥାନକୁ ପ୍ରସ୍ଥାନ କଲେ । ସେଠାରେ ପହଂଚି ଦେଖିଲେ ଯେ ଉକ୍ତ ସ୍ଥାନରେ ମାତ୍ର ଗୋଟିଏ ଖଣ୍ଡା ଗୋଟିଏ ଚଟାଇ ଓ ଗୋଟିଏ ପାତ୍ର ବ୍ୟତିତ ଅନ୍ୟ କିଛି ନାହିଁ । ହଜ୍‌ରତ୍ ଉମର ର:ଅ କହିଲେ କିଛି ସାମଗ୍ରୀ ରଖି ନେଇଥାନ୍ତ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ କହିଲେ ହେ ଅମିରୁଲ୍ ମୁମିନିନ୍ ଏ ସବୁ ଆମକୁ ଆଳସ୍ୟ କରିଦେବ । ଏହି ଅବସରରେ ଏକ ହୃଦୟସ୍ପର୍ଶୀ ଘଟଣା ମଧ୍ୟ ଘଟିଲା ଯାହାକି ପୁର୍ବେ ବର୍ଣ୍ଣନା ହୋଇସାରିଛି । ହଜ୍‌ରତ୍ ବିଲାଲ ର:ଅଙ୍କ ଅଜାନ୍ ଦେବା ପ୍ରସଙ୍ଗ । ହଜୁର ସ:ଆ:ସଙ୍କ ଦେହାନ୍ତ ପରେ ହଜରତ ବିଲାଲ ଆଉ ଅଜାନ୍ ଦେଉନଥିଲେ ଏକଦା ନମାଜର ସମୟ ଆସିବାରୁ ଲୋକେ ହଜ୍‌ରତ୍ ଉମର ର:ଅଙ୍କ ସେବାରେ ଉପସ୍ଥିତ ହୋଇ ଅନୁରୋଧ କଲେ କି ହଜ୍‌ରତ୍ ବିଲାଲ ର:ଅଙ୍କୁ ଆଦେଶ ଦିଅନ୍ତୁ ଯେ ସେ ଅଜାନ୍ ଦେବେ । ଅତଏବ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ବିଲାଲଙ୍କୁ ଆଦେଶ ଦେଲେ କି ଆପଣ ଅଜାନ୍ ଦିଅନ୍ତୁ । ହଜ୍‌ରତ୍ ବିଲାଲଙ୍କ ଅଜାନ୍ ଶୁଣି ସମସ୍ତେ ରୋଦନ କରିବାକୁ ଲାଗିଲେ ଏବଂ ସବୁଠାରୁ ଅଧିକ ହଜ୍‌ରତ୍ ଉମର୍ ର:ଅଙ୍କ ଚକ୍ଷୁରୁ ଅଶ୍ରୁଧାରା ବୋହି ପଡ଼ିଥିଲା । ସମସ୍ତଙ୍କୁ ହଜୁର ସ:ଆ:ସଙ୍କ ସମୟକାଳ ମନେ ପଡ଼ିଯାଇଥିଲା ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୨୮-୩୦)***

***(ମୁଅଜମୁଲ ବୁଲ୍‌ଦାନ ଖଣ୍ଡ-୨ ପୃ-୧୦୬....ବେରୁତ)***

ରୋମିମାନଙ୍କ ଶେଷ ପ୍ରୟାସ ପରିପ୍ରେକ୍ଷୀରେ ଉଲ୍ଲେଖ ରହିଛି ଯେ, ୧୭ ହିଜ୍‌ରୀରେ ରୋମିମାନେ ମୁସଲମାନମାନଙ୍କ ହାତମୁଠାରୁ ସିରିୟା ଫେରାଇ ନେବାର ଶେଷ ପ୍ରୟାସ କରିଥିଲେ ଏବଂ ଉତର ସିରିୟାର ଉପଦ୍ୱୀପ, ଉତର ଇରାକ, ଆର୍ମେନିଆର କୁର୍ଦ୍ଦ ସମ୍ପ୍ରଦାୟ ଏବଂ ଇସାଇ ଓ ଇରାନୀମାନେ ହର୍କଲ୍ ନିକଟରେ ଅପିଲ୍ କରିଥିଲେ କି ମୁସଲମାନମାନଙ୍କ ବିରୋଧରେ ଆମର ସାହାଯ୍ୟ କରନ୍ତୁ । ସେମାନେ ନିଜ ଆଡୁ ୩୦ ହଜାର ସେନା ଏକତ୍ରିତ କରିନେଇଥିଲେ । ସେତେବେଳେ ଉପଦ୍ୱୀପର ଅଧିକାଂଶ ଭାଗ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍‌କାସ୍ ବିଜୟ କରିନେଇଥିଲେ କିନ୍ତୁ ଏ ପର୍ଯ୍ୟନ୍ତ ସେଠାକାର ଗାଉଁଲି ଲୋକମାନଙ୍କ ଉପରେ ତାଙ୍କର କବ୍‌ଜା ରହିନଥିଲା । ରୋମି ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନଥିଲେ ତେଣୁ ସଙ୍ଗେ ସଙ୍ଗେ ଏକ ବିଶାଳ ସେନାବାହିନୀ ସମୁଦ୍ରତଟରେ ଉପସ୍ଥିତ କରି ଆକ୍ରମଣ କରିବାର ପ୍ରସ୍ତୁତି ଆରମ୍ଭ କରିଦେଲେ । ଅପରପକ୍ଷେ ସେହି ଗାଉଁଲି ଗୋଷ୍ଠୀ ସମୁହ ହିମସ୍ ସହରକୁ ଘେରାଉ କରିନେଲେ । ଉତର ସିରିୟାର କେତେକ ସହରବାସୀ ମଧ୍ୟ ବିଦ୍ରୋହ ଆରମ୍ଭ କରିଦେଇଥିଲେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅ କମକ୍‌ର ସାହାଯ୍ୟ ନିମନ୍ତେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପତ୍ର ଲେଖିଲେ ଅତଏବ ହଜ୍‌ରତ ଉମ୍‌ର ର:ଅ ହଜ୍‌ରତ ସାଆଦ୍ ବିନ୍ ଅବି ୱ୍‌କାସଙ୍କୁ ସଙ୍ଗେ ସଙ୍ଗେ କୁଫାରୁ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ନିକଟକୁ ଯାଇ ତାଙ୍କୁ ସାହାଯ୍ୟ କରିବାକୁ ଆଦଶ ଦେଇଥିଲେ । ହଜ୍‌ରତ ସାଆଦ୍‌ଙ୍କ ଏହି ସେନାଦଳ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ହା ର:ଅଙ୍କ ସେନାଦଳ ସହ ମିଶିବା ପରେ ମଧ୍ୟ ରୋମି ସେନାର ସଂଖ୍ୟା ବେଶ୍ ଅଧିକ ଥିଲା । ସେହି ଅବସରରେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ସେନା ର ଉତ୍ସାହ ଅଭିବୃଦ୍ଧି କରିବାକୁ ଯାଇ କହିଲେ: ହେ ମୁସଲମାନଗଣ ଆଜି ଯିଏ ଅଟଳ ଓ ଅବିଚଳ ରହିବ ଓ ଜୀବିତ ଫେରିବ ତାକୁ ଧନ ସମ୍ପତି ମିଳିବ ଏବଂ ଯଦି କେହି ଶତ୍ରୁ ହାତରେ ମୃତ୍ୟୁର ସ୍ୱାଦ ଚାଖେ ତେବେ ସେ ଶହୀଦ ହେବାର ଗୌରବ ଅର୍ଜନ କରିବ । ମୁଁ ସାକ୍ଷ୍ୟ ଦେଉଛି ଯେ, ହଜୁର ସ:ଆ:ସ କହିଥିଲେ ଯେଉଁ ବ୍ୟକ୍ତି ବିଶ୍ୱାସର ଅବସ୍ଥାରେ ଦେହ ତ୍ୟାଗ କରେ ସେ ନିଶ୍ଚିତ ରୂପେ ବୈକୁଣ୍ଠ ବାସୀ ହେବ । ଏଥିଅନ୍ତେ ଉଭୟ ପକ୍ଷ ମଧ୍ୟରେ ଘମାସାନ ଯୁଦ୍ଧ ଆରମ୍ଭ ହୋଇଯାଇଥିଲା । କିନ୍ତୁ ମୁସଲମାନମାନଙ୍କ ବିରୋଧରେ ରୋମିମାନଙ୍କ ପାଦ ଆନ୍ଦୋଳିତ ହୋଇଉଠିଲା ଏବଂ ସେମାନେ ମସିସା ଅର୍ଥାତ ସିରିୟାର ଏକ ସହର ଆଡ଼କୁ ପଳାୟନ କରିଥିଲେ । ଏଥିଅନ୍ତେ କୈସର କେବେ ବି ସିରିଆ ଦେଶଆଡ଼କୁ ସୈନ୍ୟ ପଠାଇବାର ସାହାସ ଜୁଟାଇ ପାରିଲା ନାହିଁ ।

***(ଅଶ୍‌ରା ମୁବଶରା...... ପୃ-୮୧୬-୮୧୭...... ଲାହୋର-୨୦୦୦)***

***(ସିରସ୍ ସାହାବାଃ....... ଖଣ୍ଡ-୨ ପୃ-୧୩୧..... କରାଚି ପାକିସ୍ତାନ)***

***(ମୁଅଜମୁଲ ବୁଲ୍‌ଦାନ ଖଣ୍ଡ-୫ ପୃ-୧୧୮....ବେରୁତ)***

ତାଉନ୍ ଅମ୍ମୁୱାସ୍ ଏକ ସ୍ଥାନ ଅଟେ ଯାହା ରମ୍‌ଲା ଠାରୁ ବଇତୁଲ୍ ମୁକଦସ୍ ମାର୍ଗରେ ୬ ମାଇଲ ଦୁରତାରେ ଅବସ୍ଥିତ ଏକ ଉପତ୍ୟାକାର ନାମ ଅର୍ଥାତ ଏକ ସମତଳ ଭୁମି ଐତିହାସିକମାନେ ଲେଖିଛନ୍ତି ଯେ, ତାହାର ଏପରି ନାମକାରଣ କରିବାର କାରଣ ସେହିଠାରେ ପ୍ଲେଗ୍ ରୋଗର ପାର୍ଦୁଭାବ ହୋଇଥିଲା । ଯଦ୍ୱାରା ସିରିୟାର ଅଗଣିତ ଲୋକ ତାହାର ଶୀକାର ହୋଇଥିଲେ ଅର୍ଥାତ ସେହି ସଂକ୍ରମଣରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । କେତେକଙ୍କ କହିବା ଅନୁଯାୟୀ ପ୍ରାୟ ୨୫ ହଜାର ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଯାହାର ବାଖ୍ୟା ବୁଖାରୀରେ ଦରଜ ରହିଛି ।

ହଜ୍‌ତର୍ ଅବ୍‌ଦୁଲ୍ଲାଃ ବିନ୍ ଅବାସ୍ ବର୍ଣ୍ଣନା କରନ୍ତି: ସର୍‌ଗ୍ ଅର୍ଥାତ ସିରିୟା ଓ ହଜାଜ୍‌ର ସୀମାବର୍ତୀ ଅଂଚଳରେ ଗୋଟିଏ ସମତଳ ଭୁମି ତବୁକ୍ ବସ୍ତି ରହିଛି, ଯାହାକି ମଦିନାଠାରୁ ୧୩ ଟି ରାତ୍ରି ଯାତ୍ରା କରିବା ଦୁରତାରେ ଅବସ୍ଥିତ । ପୁରୁଣା ଇତିହାସରେ ଏମିତି ଲେଖାଅଛି ଯାହାର ଅର୍ଥ ପାଖାପାଖି ୧ ହଜାର ମାଇଲ । ଯେତେବେଳେ ହଜ୍‌ରତ୍ ଉମର୍ ଉକ୍ତ ସ୍ଥାନରେ ପହଂଚିଲେ ଏବଂ ମୁସଲମାନ ସେନା ସହ ସାକ୍ଷାତ କଲେ ସେତେବେଳେ ସେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଅର୍ଥାତ ମୁସଲମାନ ସେନାମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ସୁଚନା ଦେଇଥିଲେ ଯେ, ବର୍ତମାନ ସିରିୟାରେ ପ୍ଲେଗ୍ ରୋଗ ମାଡ଼ି ପଡ଼ିଛି । ହଜ୍‌ରତ୍ ଉମର୍ ର:ଅ ପରାମର୍ଶ ପାଇଁ ପ୍ରାଥମିକ ସାହାବାମାନଙ୍କୁ ଡ଼କାଇ ପଠାଇଲେ କିନ୍ତୁ ମୁହାଜରିନ୍‌ଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଗଲା । କେତେକ କହୁଥିଲେ କି ଏଠାରୁ ପଛକୁ ଫେରିଯିବା ଉଚିତ ଆଉ କେତେକ କହୁଥିଲେ କି ସେନାରେ ହଜୁର ସ:ଆ:ସଙ୍କ ସାହାବା ସାମିଲ ଅଛନ୍ତି ତାଙ୍କୁ ଏପରି ବିପଦ ଶଙ୍କୁଳ ଅବସ୍ଥାରେ ଛାଡ଼ିଯିବା ଠିକ୍ ହେବନାହିଁ । ଆଉ କେତେକ କହୁଥିଲେ କି ଏଠାରୁ ପଛଘୁଂଚା କରିବା ଉଚିତ ନୁହେଁ । ତା'ପରେ ହଜୁର ଅର୍ଥାତ ଉମର୍ ର:ଅ ଅନ୍‌ସାରମାନଙ୍କ ରାୟ ଜାଣିବା ଉଦ୍ଦେଶ୍ୟରେ ତାଙ୍କ ସହ ପରାମର୍ଶ କରିବାପାଇଁ ତାଙ୍କୁ ଡ଼କାଇ ପଠାଇଲେ ଏବଂ କହିଲେ କିନ୍ତୁ ସେମାନଙ୍କ ମଧ୍ୟରେ ମଧ୍ୟ ମତପାର୍ଥକ୍ୟ ଦେଖା ଦେଇଥିଲା । ଶେଷରେ ହଜ୍‌ରତ୍ ଉମର୍ ର:ଅ କୁରୈଶ୍‌ର ବୟଜ୍ୟୋଷ୍ଠ ଲୋକମାନଙ୍କୁ ଡ଼କାଇ ପଠାଇଲେ ଯିଏ ମକ୍କା ବିଜୟ ସମୟରେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେମାନେ ଏକ ସ୍ୱରରେ କହି ଉଠିଲେ ଏମାନଙ୍କୁ ସାଥିରେ ନେଇ ଏଠାରୁ ଫେରିଯାଆନ୍ତୁ ଏବଂ ଏଠାରେ ରହୁଥିବା ଲୋକମାନଙ୍କୁ ସାଥିରେ ନିଅନ୍ତୁ ନାହିଁ । ଅତଏବ ହଜରତ ଉମର ର:ଅ ପ୍ରତ୍ୟାବର୍ତନ କରିବାର ଘୋଷଣା କରିଦେଲେ ଏହା ଶୁଣି ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ପ୍ରଶ୍ନ କଲେ ହେ ଅମୀରୁଲ୍ ମୁମିନିନ୍ କଣ ଆପଣ ପ୍ରଭୁଙ୍କ ଧାର୍ଯ୍ୟ ବିଧାନରୁ ପଳାୟନ କରିବାକୁ ଚାହୁଁଛନ୍ତି ଏବଂ କଣ ଏହା ସମ୍ଭବପର ? ହଜ୍‌ରତ୍ ଉମର ର:ଅ କହିଲେ ଅବୁ ଉବୈଦା କାଳେ ଏକଥା ତୁମ ବ୍ୟତିତ ଆଉ କିଏ କହିଥାନ୍ତା କି ? ଦେଖ ଆମେ ପ୍ରଭୁଙ୍କ ବିଧାନରୁ ତାଙ୍କ ନିୟତି ଆଡ଼କୁ ଯାଉଅଛେ ଯଦି ତୁମେ ତୁମ ନିକଟରେ ଗୋଟିଏ ଓଟ ରହିଥାଏ ଏବଂ ତୁମେ ତାକୁ ନେଇ ଗୋଟିଏ ପାହାଡ଼ର ପାଦ ଦେଶରେ ଓହ୍ଲାଅ ଯାହାର ଦୁଇଟି ପାର୍ଶ୍ୱ ରହିଥାଏ ଏବଂ ଗୋଟିଏ ପାର୍ଶ୍ୱ ସବୁଜ ଶ୍ୟାମଳ ହୋଇଥିବା ସ୍ଥଳେ ଅନ୍ୟ ପାର୍ଶ୍ୱଟି ଶୁଷ୍କ ମରୁଭୁମି ହୋଇଥାଏ ତେବେ ଯଦି ତୁମେ ତାହାକୁ ସେହି ଶ୍ୟାମଳ ପାର୍ଶ୍ୱରେ ଚରାଅ ତେବେ ତାହା ପ୍ରଭୁଙ୍କ ଧାର୍ଯ୍ୟ ବିଧାନ ଏବଂ ଯଦି ତାହାକୁ ଶୁଷ୍କ ମରୁ ପାର୍ଶ୍ୱରେ ଛାଡ଼ିଦିଅ ତେବେ ତାହା କଣ ପ୍ରଭୁଙ୍କ ଧାର୍ଯ୍ୟ ବିଧାନ ନୁହେଁ । ବର୍ଣ୍ଣନାକାରୀ କୁହନ୍ତି ଇତି ମଧ୍ୟରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ ଅଓଫ୍ ର:ଅ ଆସି ପହଂଚିଗଲେ ଯିଏ କୌଣସି କାରଣ ବଶତଃ ସେଠାରେ ଉପସ୍ଥିତ ନଥିଲେ । ସେ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏକଥା କହୁଥିବାର ଶୁଣିଛି କି ଯେତେବେଳେ ତୁମେ କୌଣସି ସ୍ଥାନ ସଂକ୍ରାନ୍ତରେ ସୁଚନା ପାଅ କି ସେଠାରେ ସଂକ୍ରମଣ ପରିବ୍ୟାପ୍ତ ରହିଛି ତେବେ ସେଠାକୁ ଯାଅ ନାହିଁ ଏବଂ ଯଦି ସେହି ସ୍ଥଳେ ତୁମେ ରହିଥାଅ ତେବେ ସେଠାରୁ ପଳାୟନ କରନାହିଁ ଅର୍ଥାତ ବାହାରକୁ ଚାଲିଯାଅ ନାହିଁ । ଏଥିରେ ହଜ୍‌ରତ୍ ଉମର୍ ର:ଅ ପ୍ରଭୁଙ୍କ କୃତଜ୍ଞତା ଜ୍ଞାପନ କଲେ ଏବଂ ସେଠାରୁ ପ୍ରତ୍ୟାବର୍ତନ କଲେ ।

ପ୍ଲେଗ୍ ଅମ୍ମୁୱାସ୍ ପ୍ରସଙ୍ଗରେ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ବର୍ଣ୍ଣନା କରନ୍ତି, ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ସିରିୟାରେ ପହଂଚିଲେ ଏବଂ ସେଠାରେ ପ୍ଲେଗ୍‌ର ପାର୍ଦୁଭାବ ହେଲା ଯାହାକି ପ୍ଲେଗ୍ ଅମୱାସ୍ ନାମରେ ସୁପ୍ରଶିଦ୍ଧ ସେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଓ ମୁସଲମାନ ସେନାବାହିନୀ ଆପଣଙ୍କର ସ୍ୱାଗତ ଜଣାଇ ଏହି ପରାମର୍ଶ ଦେଲେ ଯେ ଯେହେତୁ ଏଠାରେ ପ୍ଲେଗ୍ ମହାମାରୀ ପରିବ୍ୟାପ୍ତ ତେଣୁ ଆପଣଙ୍କୁ ଏଠାରୁ ଫେରିଯିବା ଉଚିତ । ଅତଏବ ହଜ୍‌ରତ୍ ଉମର୍ ର:ଅ ସେମାନଙ୍କ ପରାମର୍ଶ ସ୍ୱୀକାର କରି ଏହି ନିଷ୍ପତି ନେଲେ ଯେ, ସେଠାରୁ ଫେରିଆସିବେ । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ଯେତେବେଳେ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ନିଷ୍ପତିର ଖବର ହେଲା ସେତେବେଳେ ସେ କହିଲେ: **ଆ ତଫିର୍‌ରୁ ମିନଲ୍ କଜାଇ** କଣ ଆପଣ ପ୍ରଭୁଙ୍କ ଧାର୍ଯ୍ୟ ବିଧାନରୁ ପ୍ରତ୍ୟାବର୍ତନ କରିଯାଉଛନ୍ତି । ସେତେବେଳେ ହଜ୍‌ରତ୍ ଉମର୍ ର:ଅ ଉତର ଦେଲେ, **ଅଫିର୍‌ରୁ ମିନ୍ କଜାଇଲ୍ଲାହି ଇଲା କଦରିଲ୍ଲାହି** ଅର୍ଥାତ ମୁଁ ପ୍ରଭୁଙ୍କ ବିଧାନରୁ ତାଙ୍କ ନିୟତି ଆଡ଼କୁ ଯାଉଅଛି ଅର୍ଥାତ ଅଲ୍ଲାଃଙ୍କର ଏହି ଏକ ବିଶେଷ ନିଷ୍ପତି ଓ ଏକ ସାଧାରଣ ନିଷ୍ପତି ରହିଥାଏ ସେହି ଉଭୟ ନିଷ୍ପତି ତାଙ୍କରି ହୋଇଥାଏ ଅନ୍ୟ କାହାର ନୁହେଁ । ଅତଃ ମୁଁ ତାଙ୍କ ଧାର୍ଯ୍ୟ ନିଷ୍ପତିରୁ ପଳାୟନ କରୁନାହିଁ ବରଂ ତାଙ୍କର ଗୋଟିଏ ନିଷ୍ପତିରୁ ଆଉ ଏକ ନିଷ୍ପତି ଆଡ଼କୁ ଗମନ କରୁଅଛି ଇତିହାସ ପୃଷ୍ଠାରେ ଦରଜ ରହିଛି ଯେ ଯେତେବେଳେ ହଜ୍‌ରତ୍

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଉମର ର:ଅଙ୍କୁ ପ୍ଲେଗ ରୋଗର ସୁଚନା ମିଳିଲା ଏବଂ ସେ ଲୋକମାନଙ୍କ ସହ ପରାମର୍ଶ କରିବାପାଇଁ ଏକତ୍ର ହେଲେ ଅର୍ଥାତ ଲୋକମାନଙ୍କୁ ଏକତ୍ରିତ କଲେ ଏବଂ କହିଲେ ସିରିୟାରେ ତ ପୂର୍ବେ ମଧ୍ୟ ପ୍ଲେଗ୍ ରୋଗ ପରିବ୍ୟାପ୍ତ ହୋଇଥିଲା । ସେତେବେଳେ ସେମାନେ କି ପଦକ୍ଷେପ ଗ୍ରହଣ କରୁଥିଲେ । ଲୋକେ କହିଲେ ଯେତେବେଳେ ପ୍ଲେଗ୍ ସଂକ୍ରମଣ ବ୍ୟାପେ ସେତେବେଳେ ଲୋକେ ଏଣେ ତଣେ ପଳାୟନ କରନ୍ତି ଅର୍ଥାତ ସହରରେ ରହିବା ପରିବର୍ତେ; ବାହାରକୁ ଅର୍ଥାତ ମୁକ୍ତ ଅଂଚଳକୁ ବାହାରି ଯାଆନ୍ତି । ଏବଂ ଯେତେବେଳେ ପ୍ଲେଗ ର ତିବ୍ରତା କମିଯାଏ ସେତେବେଳେ ନିଜ ସ୍ଥାନକୁ ନିଜ ବସବାସ ଅଚଂଳକୁ ଫେରିଆସନ୍ତି । ଏହି ପରାମର୍ଶ ଆଡକୁ ଇଙ୍ଗିତ କରି ଆପଣ କହିଥିଲେ ପ୍ରଭୁ ଗୋଟିଏ ସାଧାରଣ ଓ ଗୋଟିଏ ବିଶେଷ ନିୟମ ପ୍ରଣୟନ କରିଛନ୍ତି ଯେ ଯେଉଁମାନେ ସଂକ୍ରମଣ ସ୍ଥାନରୁ ବାହାରି ମୁକ୍ତ ଅଂଚଳକୁ ଚାଲିଯାଏ ସେ ବଂଚିଯାଇଥାଏ ଅତଏବ ସେହି ନିୟମ ମଧ୍ୟ ତାଙ୍କରି ଦ୍ୱାରା ଧାର୍ଯ୍ୟ ଏଣୁ ମୁଁ ସେଥିରୁ ପଳାୟନ କରୁନାହିଁ ବରଂ ତାହାରି ଆଡ଼କୁ ଯାଉଅଛି ଅର୍ଥାତ ପ୍ରଭୁଙ୍କ ବିଶେଷ ନିୟମରୁ ସାଧାରଣ ନିୟମ ଆଡ଼କୁ ଯାଉଅଛି । ***(ତଫ୍‌ସିର୍ କବୀର୍ ଖଣ୍ଡ-୫, ପୃ-୧୭୦-୧୭୧)***

ଯଦିଚ ହଜ୍‌ରତ୍ ଉମର୍ ର:ଅ ମଦିନା ଫେରି ଆସଥିଲେ କିନ୍ତୁ ପ୍ଲେଗ ରୋଗର ପରିବ୍ୟାପ୍ତ ଯୋଗୁଁ ଅଧିକ ବ୍ୟତିବ୍ୟସ୍ତ ଓ ଚିନ୍ତିତ ଥିଲେ, ବ୍ୟଗ୍ର ଥିଲେ । ଏକଦା ସେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ପତ୍ର ଲେଖିଲେ ମୋର ତୁମ ନିକଟରେ ଏକ ଜରୁରୀ କାମ ରହିଛି ତେଣୁ ପତ୍ର ମିଳିବା ସଙ୍ଗେ ସଙ୍ଗେ ମଦୀନ ଅଭିମୁଖେ ବାହାରପଡ଼ିବ । ଯଦି ପତ୍ର ରାତ୍ରକାଳରେ ମିଳେ ତେବେ ସକାଳର ଅପେକ୍ଷା କରିବନାହିଁ ଏବଂ ଯଦି ପତ୍ର ସକାଳେ ମିଳେ ରାତ୍ରି ହେବାର ଅପେକ୍ଷା କରିବାନାହିଁ । ହଜ୍‌ରତ୍ ଅବୁ ଉାବୈଦାଃ ଯେତେବେଳେ ଉକ୍ତ ପତ୍ର ପଢ଼ିଲେ ସେ କହିଲେ ମୁଁ ଅମୀରୁଲ୍ଲ ମୁମିନିନ୍‌ଙ୍କର ଆବଶ୍ୟକତାକୁ ଜାଣିଛି । ଅଲ୍ଲାଃ ହଜ୍‌ରତ୍ ଉମର୍ ର:ଅ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ ସେ ସେହି ଜିନିଷକୁ ବାକି ରଖିବାକୁ ଚାହୁଁଛନ୍ତି ଯାହା ବାକି ରହିବାର ନାହିଁ ଅର୍ଥାତ ହଜ୍‌ରତ୍ ଉମର ର:ଅଙ୍କ ବ୍ୟଗ୍ରତାକୁ ତାଙ୍କର ଦୁରଦୃଷ୍ଟି ଅନୁମାନ କରିନେଇଥିଲା । ଅତଏବ ସେ ପତ୍ରର ଉତର ଲେଖିଲେ ଯେ ହେ ଅମୀରୁଲ୍ଲ ମୁମିନୀନ୍ ମୁଁ ଆପଣଙ୍କ ଉଦ୍ଦେଶ୍ୟ ବୁଝିସାରିଛି ମତେ ନିଜ ନିକଟକୁ ଡ଼ାକନ୍ତୁ ନାହିଁ ବରଂ ଏହିଠାରେ ହିଁ ରହିବାକୁ ଦିଅନ୍ତୁ । ମୁଁ ହେଉଛି ମୁସଲମାନମାନଙ୍କ ସିପାହୀମାନଙ୍କ ମଧ୍ୟରୁ ଜଣେ ସିପାହୀ । ଯାହା ହେବା ନିୟତିରେ ଧାର୍ଯ୍ୟ ରହିଛି ତାହା ନିଶ୍ଚିତ ରୂପେ ହେବେ । ସେଥିରୁ ମୁଁ କିଭଳି ମୁକ୍ତି ପାଇପାରିବି । ହଜ୍‌ରତ୍ ଉମର୍ ଯେତେବେଳେ ଉକ୍ତ ପତ୍ର ପଢ଼ିଲେ ଆପଣଙ୍କ ଚକ୍ଷୁରୁ ଲୁହର ଧାର ଝରିପଡ଼ିଥିଲା । ଆପଣଙ୍କୁ ଦେଖି ମୁହାଜରିନ୍ ପଚାରିଲେ ହେ ଅମୀରୁଲ୍ ମୁମିନିନ୍ ! କଣ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କର କାଳ ହୋଇଗଲା ? ଆପଣ ଉତର ଦେଲେ ନାଁ ସମ୍ଭବତଃ ହୋଇଯିବ ।

***(ସେରେ ଏଲାମ୍, ଖଣ୍ଡ-୧, ପୃ-୧୮-୧୯........ ଲେବ୍‌ନାନ୍ ୧୯୯୬)***

ପୁନଶ୍ଚ ହଜ୍‌ରତ୍ ଉମର ର:ଅ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କୁ ପତ୍ର ଲେଖିଲେ ଯେ ମୁସଲମାନମାନଙ୍କୁ ସେହି ଅଂଚଳରୁ ବାହାର କରି କୌଣସି ସ୍ୱାସ୍ଥ୍ୟକର ସ୍ଥାନକୁ ନେଇଯାଅ । ଯେତେବେଳେ କେହି ମୁସଲମାନମାନଙ୍କର ମୃତ୍ୟୁ ହେଉଥିଲା ଅର୍ଥାତ କୌଣସି ମୁସଲମାନର ବିୟୋଗ ହେଉଥିଲା ସେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କ ଚକ୍ଷୁରୁ ଅଶ୍ରୁଧାରା ବୋହି ପଡୁଥିଲା ଏବଂ ସେ ପ୍ରଭୁଙ୍କଠାରୁ ତାହାର ଶହୀଦ ହେବାର ଭିକ୍ଷା କରୁଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ସେତେବେଳେ ଏହି ଦୁଆ କରୁଥିଲେ କି ହେ ପ୍ରଭୁ ଏହି ସାହାଦତ୍‌ରେ ଅବୁ ଉବୈଦାର ପରିବାର ବର୍ଗଙ୍କର କଣ କିଛି ଭାଗ ନାହିଁ । ଦିନେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କ ଆଙ୍ଗୁଳିରେ ଗୋଟିଏ ଛୋଟ ବଥ ବାହାରିଲା । ତାକୁ ଦେଖି ସେ କହିଲେ କି ଆଶା କରୁଛି ଅଲ୍ଲାଃ ଏହି ଅଳ୍ପ (କ୍ଷତ)ରେ ବର୍‌କତ୍ ଦେବେ । ଯେବେ ଅଳ୍ପରେ ବର୍‌କତ୍ ହୁଏ ତାହା ଅଧିକ ହୋଇଯାଏ ।

ଅର୍‌ବାଜ୍ ବିନ୍ ସାରିୟା ବର୍ଣ୍ଣନା କରନ୍ତି କି ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ପ୍ଲେଗ ରୋଗରେ ଆକ୍ରାନ୍ତ ହୋଇଥିଲେ ସେତେବେଳେ ମୁଁ ତାଙ୍କ ସେବାରେ ଉପସ୍ଥିତ ହେଲି । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ ମୁଁ ହଜୁର ସ:ଆ:ସଙ୍କଠାରୁ ଶୁଣିଛି ଯେ ଯିଏ ପେଟ ରୋଗରେ ମୃତ୍ୟୁବରଣ କରେ ସେ ଶହୀଦ, ଯିଏ ବୁଡ଼ି ଯାଇ ମୃତ୍ୟୁବରଣ କରେ ସେ ମଧ୍ୟ ଶହୀଦ ଏବଂ ଯିଏ ଛାତ ଉପରୁ ପଡ଼ି ମୃତ୍ୟୁବରଣ କରେ ସେ ମଧ୍ୟ ଶହୀଦ ଅଟେ । ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କର ଅନ୍ତିମ ସମୟ ଆସିଲା ସେତେବେଳେ ସେ ଲୋକମାନଙ୍କୁ ଉପଦେଶପୂର୍ବକ କହିଲେ ହେ ଲୋକମାନେ ! ମୁଁ ତୁମକୁ ଏକ ଓ୍ୱସିୟତ କରୁଅଛି ଯଦି ଗ୍ରହଣ କରିବ ତା'ହେଲେ ଲାଭରେ ରହିବ । ମୋର ଉପଦେଶ ହେଉଛି ଏହା କି ନମାଜକୁ ସ୍ଥାପନ କରିବ, ଜକାତ୍ ପ୍ରଦାନ କରିବ, ରମ୍‌ଜାନ୍‌ରେ ରୋଜା ରଖିବ, ସଦ୍‌କା ଦେଉଥିବ, ହଜ୍ କରିବ, ଉମ୍‌ରା କରିବ, ଜଣେ ଅନ୍ୟଜଣକୁ ଭଲ କଥା କହିବ, ନିଜ ଅମୀରମାନଙ୍କର ଭଲ ଚାହିଁବ, ତାଙ୍କୁ ଧୋକା ଦେବ ନାହିଁ । ଦେଖ ମହିଳାମାନେ ତୁମର କର୍ତବ୍ୟରୁ ତୁମକୁ ଅବହେଳା ନ କରିଦିଅନ୍ତୁ । ଅଲ୍ଲାଃ ତାଲା ଆଦମ୍‌ର ସନ୍ତାନ ପାଇଁ ମୃତ୍ୟୁ ଧାର୍ଯ୍ୟ କରିଦେଇଛନ୍ତି । ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁର ସ୍ୱାଦ ଚାଖିବ କିନ୍ତୁ ବୁଦ୍ଧିମାନ ସେ ଯିଏ ଏଥିପାଇଁ ପ୍ରସ୍ତୁତ ରହିଥାଏ ଏବଂ ପରକାଳ ଅର୍ଥାତ ହିସାବ ନିକାସ ପାଇଁ ପ୍ରସ୍ତୁତ ରହିଥାଏ । ଦେଖ ଅମିରୁଲ୍ ମୁମିନିନ୍‌ଙ୍କୁ ମୋର ସଲାମ୍ କହିଦେବ ଏବଂ ତାଙ୍କୁ କହିବ ଯେ ମୁଁ ନିଜର ସମସ୍ତ ଅମାନତ୍ ପଇଠ କରିଦେଇଛି । ସେଥିଅନ୍ତେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ କହିଲେ ମତେ ଏହି ସ୍ଥଳେ ହିଁ ସମାଧି ଦେବ ଅତଏବ ଉର୍ଦ୍ଦୁନ ଭୁମିର ବେସାନ୍ ସ୍ଥାନରେ ତାଙ୍କୁ କବର ଦିଆଯାଇଥିଲା । ଆଉ କେତେକଙ୍କ କହିବା ଅନୁଯାୟୀ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ଜାବିୟାରୁ ବଇତୁଲ୍ ମୁକଦସ୍ ଅଭିମୁଖେ ନମାଜ ପାଠ କରିବାକୁ ଯାଉଥିବା ଅବସ୍ଥାରେ ରାସ୍ତାରେ ହିଁ ତାଙ୍କର କାଳ ହୋଇଥିଲା । ଆଉ ଏକ ବର୍ଣ୍ଣନା ଅନୁଯାୟୀ ଆପଣଙ୍କ ଦେହାନ୍ତ ସିରିୟାର ଫିହଲ୍‌ଠାରେ ସେ ଅନ୍ତିମ ନିସ୍ୱାଶ ତ୍ୟାଗ କରିଥିଲେ ଏବଂ ତାଙ୍କ କବର ବିସାନ୍ ନିକଟରେ ରହିଛି । ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ ରୋଗାକ୍ରାନ୍ତ ଅବସ୍ଥାରେ ନିଜ ଅନ୍ତିମ ସମୟରେ ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅଙ୍କୁ ନିଜ ଉତରାଧିକାରୀ ଭାବରେ ନିଜ ଆସନରେ ବିରାଜମାନ କରାଇଥିଲେ ଯେତେବେଳେ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କର ଦେହାନ୍ତ ହେଲା ସେତେବେଳେ ହଜ୍‌ରତ୍ ମାଆଜ୍ ର:ଅ ଲୋକମାନଙ୍କୁ କହିଲେ ହେ ଲୋକମାନେ ! ଆଜି ଆମଠାରୁ ଏପରି ବ୍ୟକ୍ତିଙ୍କର ବିୟୋଗ ହୋଇଛି ଯାହାଙ୍କଠାରୁ ଅଧିକା ଖୋଲା ହୃଦୟ ନିଷ୍କପଟ, ଲୋକଙ୍କ ସହିତ ପ୍ରେମ କରୁଥିବା ଓ ଲୋକମାନଙ୍କର ଭଲ ଚାହୁଁଥିବା ବ୍ୟକ୍ତି ମୁଁ ଦେଖିନାହିଁ । ଦୁଆ କରନ୍ତୁ ଅଲ୍ଲାଃ ତାଲା ତାଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କରନ୍ତୁ । ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୩୧-୩୩)***

***(ସେରେ ଏଲାମ୍, ଖଣ୍ଡ-୧, ପୃ୨୨-୨୩........ ଲେବ୍‌ନାନ୍ ୧୯୯୬)***

ଆପଣ ୧୮ ହିଜ୍‌ରୀରେ ୫୮ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ ।

***(ଇସ୍‌ତିୟାବ....... ଖଣ୍ଡ-୨, ପୃ-୩୪୩.......... ବେରୁତ ୨୦୧୦)***

ଯେତେବେଳେ ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅଙ୍କର ଦେହାନ୍ତ ହେଲା ସେତେବେଳେ ହଜ୍‌ରତ୍ ମାଆଜ୍ ର:ଅ ଲୋକମାନଙ୍କୁ କହିଲେ ଆଜି ଆମମାନଙ୍କ ଗହଣରୁ ସେହି ବ୍ୟକ୍ତି ଆରପାରିକୁ ଚାଲିଯାଇଛି ଯାହାଙ୍କଠୁ ବଳି ନିର୍ମଳ ଓ ପବିତ୍ର ହୃଦୟି ତଥା ମନ୍ଦବ୍ୟକ୍ତିଙ୍କୁ ସ୍ନେହ ଆଦର କରିବା ତାଙ୍କ ଦେଖାଶୁଣା କରିବା ଅନ୍ୟକାହାରିକୁ ଦେଖିନାହିଁ । ଦୁଆ କର ପ୍ରଭୁ ତାଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ । ଥରେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଅବୁ ଉବୈଦାଃ ର:ଅଙ୍କୁ ଚାରିହଜାର ଦିର୍‌ହମ୍ ଏବଂ ଚାରିଶହ ଦିନାର ପଠାଇଲେ । ନିଜ ଦୁତଙ୍କୁ କହିଲେ ଯେ ଦେଖିବ ସେ ଏହି ଧନକୁ କିପରି ଖର୍ଚ୍ଚ କରୁଛନ୍ତି ? ଯେତେବେଳେ ଦୂତ ଏହି ଧନକୁ ନେଇ ଅବୁ ଉବୈଦାଃ ର:ଅଙ୍କୁ ଦେଲେ, ସେ ଅର୍ଥାତ ଅବୁ ଉବୈଦାଃ ର:ଅ ସେହି ସମସ୍ତ ଧନକୁ ଲୋକମାନଙ୍କ ମଧ୍ୟରେ ବଂଟନ କରିଦେଲେ । ହଜ୍‌ରତ୍ ଉମର୍ ର:ଅ ଏକଦା ନିଜ ସାଥିମାନଙ୍କୁ କହିଲେ, ମୋର ଏହି ଅଭିଳାଷା କି ଏହି ଘର ହଜ୍‌ରତ୍ ଅବୁ ଉବୈଦା ବିନ୍ ଜର୍‌ରାହ ର:ଅ, ହଜ୍‌ରତ୍ ସାଲିମ୍ ମୌଲା, ଅବୁ ହୁଜୈଫା ର:ଅ, ହଜ୍‌ରତ୍ ହୁଜୈଫା ବିନ୍ ୟମାନ୍ ର:ଅ, ହଜ୍‌ରତ୍ ମାଆଜ୍ ବିନ୍ ଜବଲ୍ ର:ଅ ଆଦିଙ୍କ ଦ୍ୱାରା ଭରି ରୁହନ୍ତା କି ଅତଏବ କିଭଳି ଭାଗ୍ୟବାନ ଏମାନେ ଯେ ସଂସାରରେ ପ୍ରଭୁଙ୍କ ପ୍ରିତିଭାଜନ ଲାଭ କରିଥିଲେ ଏବଂ ପରକାଳରେ ମଧ୍ୟ ତାଙ୍କ ପ୍ରିତିଭାଜନ ଲାଭ କରିଥିଲେ । ଆଜି ୟାଙ୍କର ଚର୍ଚ୍ଚା ଏଠାରେ ଶେଷ ହେଲା । ***(ଅଲ୍‌ମୁସ୍‌ତଦ୍‌ରକ୍....... ଖଣ୍ଡ-୩, ପୃ-୨୫୨ ହଦିସ୍-୫୦୦୫ ...... ବେରୁତ ୨୦୦୨)***

ନମାଜପରେ ମୁଁ କିଛି ଯନାଜାଃ ପାଠ କରିବି ।

ପ୍ରଥମ ଯନାଜାଃ ଆମର ଜଣେ ଶହୀଦ ପ୍ରଫେସର ଡ଼ାକ୍ତର ନଇମୁଦ୍ଦିନ୍ ଖଟକ୍ ସାହେବ ପିତା ଫଜଲ୍‌ଦ୍ଦିନ୍ ଖଟକ ସାହେବ, ଜିଲ୍ଲା ପେଶାଓ୍ୱାରଙ୍କର ଚଳିତ ଅକ୍ଟୋବର ମାସ ୫ ତାରିଖ ଦିନ ଦେଢ଼ଟା ବେଳେ ବିରୋଧିମାନେ ତାଙ୍କ ଉପରକୁ ଗୁଳି ଚାଳନା କରି ତାଙ୍କୁ ଶହୀଦ କରିଦେଇଥିଲେ, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ଯେଉଁ କଲେଜରେ ଶିକ୍ଷାଦାନ କରୁଥିଲେ ସେଠାରୁ ପାଖାପାଖି ଦେଢ଼ଟା ବେଳେ ଘରକୁ ବାହୁଡ଼ିବା ବେଳେ ଦୁଇଜଣ ଲୋକ ମଟର ସାଇକେଲର ଆସି ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ । ଯଦ୍ୱାର ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କର ବୟସ ୫୬ ବର୍ଷ ଥିଲା, ଦୀର୍ଘ ୨୫ ବର୍ଷ ପର୍ଯ୍ୟନ୍ତ ସେ ଶିକ୍ଷାଦାନ କରିଆସୁଥିଲେ । ସେ କାଏଦ୍ ଆଜମ୍ ୟୁନିଭର୍ସିଟିରୁ ଏମ୍‌ଫିଲ୍ କରି ସ୍କଲାରଶିପ୍‌ରେ ଚାଇନା ଚାଲିଯାଇଥିଲେ । ସେଠାରୁ Micro Enviornmental Biology ରେ Ph.D ହାସଲ କରି ଇସ୍‌ଲାମିକ୍ କଲେଜ୍ ୟୁନିଭରସିଟିରେ ଶିକ୍ଷା ଦାନ କାର୍ଯ୍ୟ ଆରମ୍ଭ କରିଥିଲେ । ପେଶାଓ୍ୱର ବିଶ୍ୱବିଦ୍ୟାଳୟରେ ମଧ୍ୟ ଶିକ୍ଷାଦାନ କରୁଥିଲେ । ପିଏଚ୍‌ଡ଼ି ପ୍ୟାନେଲର ମେମ୍ବର ଥିଲେ, ଯିଏ ଶିକ୍ଷାର୍ଥୀମାନଙ୍କର ଇଂଟରଭିୟୁ ନେଇଥାନ୍ତି । ପାକିସ୍ତାନର ବିଭିନ୍ନ ଶିକ୍ଷାନୁଷ୍ଠାନ ତାଙ୍କୁ ନିଜ ନିଜ ସଂସ୍ଥାରେ ଶିକ୍ଷାଦାନ ପାଇଁ ଡ଼ାକୁଥିଲେ । ଶିକ୍ଷା ବିଭାଗ ସହିତ ହିଁ ସେ ସମ୍ପୁର୍ଣ୍ଣ ରୂପେ ଜଡ଼ିତ ଥିଲେ ।

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

ତାଙ୍କ ବଂଶରେ ଅହେମଦୀୟତର ଆଗମନ ତାଙ୍କ ପିତାମହ ଶ୍ରୀମାନ ରୁକୁନୁଦ୍ଦିନ୍ ସାହେବ ଖଟକ ମାଧ୍ୟମରେ ଆସିଥିଲା ଯିଏ କରକ ଜିଲ୍ଲାର ନିବାସୀ ଥିଲେ । ଦାଦି ଶ୍ରୀମତି ବିବି ନୂର୍ ନାମା ସାହେବା ମଧ୍ୟ ଅହେମଦୀ ହୋଇଯାଇଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀମାନ ଶେର୍ ଜମାନ୍ ଥିଲା, ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ । ତାଙ୍କ ପିତା ଅର୍ଥାତ ମୃତକଙ୍କ ଦାଦିଙ୍କ ପିତା ଅର୍ଥାତ ଜେଜେମାଙ୍କ ପିତା କାଦିଆନରୁ ଫେରିବା ସମୟରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ତାଙ୍କୁ ଏକ କୁର୍ତା ଉପହାର ସ୍ୱରୁପ ପ୍ରଦାନ କରିଥିଲେ ଯାହାକି ବର୍ତମାନ ସୁଦ୍ଧା ତାଙ୍କ ପରିବାର ତାହାକୁ ସନ୍ତକ ଭାବରେ ସୁରକ୍ଷିତ ରଖିଛନ୍ତି । ମୃତକଙ୍କ ପିତା ଫଜଲଦ୍ଦିନ୍ ସାହେବ୍ ଭେଟେନାରୀ ଡ଼କ୍ଟର ଥିଲେ ଏବଂ ଡ଼େପୁଟି ଡ଼ାଇରେକ୍ଟର ପଦରୁ ଅବସରପ୍ରାପ୍ତ ନେଇଥିଲେ ସେ ଜଣେ ସୁପ୍ରଶିଦ୍ଧ କବି ମଧ୍ୟ ଥିଲେ । ତାଙ୍କ ମାତା ଶ୍ରୀମତି ମେହବୁବା ରହ୍‌ମାନା ସାହିବା ଶିକ୍ଷା ବିଭାଗରୁ ଡ଼େପୁଟି ଡ଼ାଇରେକ୍ଟର ପଦରୁ ରିଟାୟର୍ଡ଼ ହୋଇଥିଲେ । ଅନେକ ବର୍ଷ ସେମାନେ ବିରୋଧର ସମ୍ମୁଖିନ ହୋଇଥିଲେ । ମୃତକଙ୍କ ଶଶୁର ଶ୍ରୀମାନ ବଶିର୍ ଅହେମଦ୍ ଆଡ଼ଭୋକେଟ ସଦର ଯମାତ୍ ଏଚେନି ପାମା ପେଶାଓ୍ୱରଙ୍କୁ ୨୦୧୯ ରେ ଅପହରଣ କରିନିଆଯାଇଥିଲା । ଯାହାଙ୍କର ଏ ପର୍ଯ୍ୟନ୍ତ ସୁଦ୍ଧା କୌଣସି ପତା ମିଳିନାହିଁ । ମୃତକ ଅନେକ ସୁଗୁଣର ଅଧିକାରୀ ଥିଲେ ଯମାତ୍‌ର ସେବା ସମ୍ପାଦନ କରିବା ଦୃଷ୍ଟିକୋଣରୁ ଏଭଳି ଉଚ୍ଚ ଶିକ୍ଷିତ ହେବା ସତ୍ୱେ, ସିକ୍ୟୁରିଟି ଡ୍ୟୁଟି ଦେବାପାଇଁ ମଧ୍ୟ ସେ ହାଜର ହୋଇଯାଉଥିଲେ । ଅତିଥି ସତ୍କାର କରିବା ତାଙ୍କର ବିଶେଷ ଗୁଣ ଥିଲା । ଲୋକମାନଙ୍କ ପ୍ରତି ସହାନୁଭୁତି ପ୍ରଦର୍ଶନ କରିବା, ଅଭାବିମାନଙ୍କୁ ସାହାଯ୍ୟ କରିବାପ୍ରତି ବିଶେଷ ଧ୍ୟାନ ଦେଉଥିଲେ କୁଟୁମ୍ବର ପ୍ରତ୍ୟେକ ସଦସ୍ୟମାନଙ୍କ ସହିତ ସହାନୁଭୁତି ଦେଖାଉଥିଲେ ଓ ସେମାନଙ୍କ ଶିକ୍ଷାପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ଅହେମଦୀ ଛାତ୍ରମାନଙ୍କୁ ଶିକ୍ଷା ହାସଲ କରିବାପ୍ରତି ଅନୁପ୍ରାଣିତ କରୁଥିଲେ । ନିଜ ପିଲାମାନଙ୍କୁ ଉଚ୍ଚ ଶିକ୍ଷା ହାସଲ କରିବାପାଇଁ ମଧ୍ୟ ଉତ୍ସାହିତ କରୁଥିଲେ । ତାଙ୍କ ପତ୍ନୀ ଲେଖିଛନ୍ତି ଶହୀଦ ହେବାର ସପ୍ତାହ ପୂର୍ବରୁ ରବୁଓ୍ୱା ଆସି ଯେତେବେଳେ ବେହେଶ୍‌ତି ମକ୍‌ବରାଃ ପରିଦର୍ଶନ କରିବାକୁ ଗଲେ । ସେତେବେଳେ କହିଲେ, ଭାଗ୍ୟବଶତଃ ଆମକୁ ମଧ୍ୟ ଏଠାରେ ସ୍ଥାନ ମିଳନ୍ତା କି, ପୁଣି କହିଲେ ଆମର ସେ ଭାଗ୍ୟ କାହିଁ ଯେ ଏଠାରେ ଆମକୁ ସମାଧି ମିଳିବ । ସେ ଯାହା ହେଉ ଅଲ୍ଲାଃ ତାଲା ତାଙ୍କର ଏହି ଅଭିଳାଷାକୁ ଏପରି ପୂରଣ କଲେ କି ରବୁଓ୍ୱାରେ ହିଁ ତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସମ୍ପାଦନ ହୋଇଥିଲା । ଶହୀଦଙ୍କର ଶାଳକ ଡ଼କ୍ଟର ମୁନୀର ଅହେମଦ୍ ଖାନ୍ ସାହେବ୍ ତାହେର୍ ହାର୍ଟ ଇଂଷ୍ଟିଚ୍ୟୁଟରେ ତଥା ରବୁଓ୍ୱାରେ ସେବା ସମ୍ପାଦନ କରୁଛନ୍ତି । ସେ ମଧ୍ୟ ଏକଥା କହିଛନ୍ତି ଯେ ଶହୀଦ୍ ନଇମୁଦ୍ଦିନ୍ ସାହେବ୍ ତାଙ୍କୁ କହିଥିଲେ ଯେ ଜଣେ ବିରୋଧି ପ୍ରଫେସର ଅଛନ୍ତି ଯିଏ ତାଙ୍କ ପିଲାମାନଙ୍କ ଫଟୋ ଏବଂ ତାଙ୍କ ପଟେ ବିରୋଧିମାନଙ୍କୁ ଦେଖାଇ ଏକଥା କହୁଥିଲେ, ଯେ ଏମାନଙ୍କୁ ଜୀବନରୁ ମାରିଦିଅ ଅର୍ଥାତ ସନ୍ତ୍ରାସବାଦ, ଆତଙ୍କବାଦମାନଙ୍କୁ ପ୍ରଲୋଭିତ କରୁଥିଲେ କି ଏହି ପରିବାରକୁ ମାରିଦିଅ । ଆଙ୍କ ଘର ସମ୍ମୁଖରେ ବିରୋଧିମାନେ ବ୍ୟାନର ମଧ୍ୟ ଲଗାଇଥିଲେ । ମୃତ୍ୟୁର ସପ୍ତାହ ପୂର୍ବରୁ ମୋ ସହ ସାକ୍ଷାତ କରିବାକୁ ଆସିଥିଲେ ମୁଁ ତାଙ୍କୁ କହିଲି ଆସ ମିଶି ଭୋଜନ କରିବା । ସେ କହିଲେ, ନାଁ ହଜ୍‌ରତ୍ ମସିହ ମଉଦ ଆ:ସଙ୍କ ଲଙ୍ଗରଖାନାରେ ଖାଇବା ନିଆରା କାରଣ ସେଠାକାର ଖାଦ୍ୟରେ ଯେଉଁ ବର୍‌କତ୍ ଓ ସ୍ୱାଦ ରହିଛି ତାହା ଅନ୍ୟ କେଉଁଠାରେ ମିଳିନଥାଏ । ଶହୀଦଙ୍କ ପଛରେ ତାଙ୍କ ପତ୍ନୀଙ୍କ ବ୍ୟତିତ ତିନୋଟି କନ୍ୟା ଓ ଦୁଇଟି ପୁତ୍ର ସନ୍ତାନ ରହିଛନ୍ତି । ଗୋଟିଏ କନ୍ୟାର ବିବାହ ହୋଇଯାଇଛି ବାକି ଦୁଇଟି ଅଧ୍ୟୟନରତ ଅଛନ୍ତି, ଗୋଟିଏ ପୁତ୍ର ଇଞ୍ଜିନିୟର ଅଛି ଏବଂ ଆଉ ଜଣେ ଫାଷ୍ଟୟରରେ ଅଧ୍ୟୟନ କରୁଛନ୍ତି । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ତାଙ୍କ ପୂଣ୍ୟକର୍ମ ଗୁଡ଼ିକୁ ବଜାୟ ରଖିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଶାନ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ପ୍ରୀୟ ଓସାମା ସାଦ୍ଦିକ୍ ସାହେବଙ୍କର ଯିଏକି ଯାମିୟା ଅହେମଦୀୟା ଜର୍ମାନୀର ଛାତ୍ର ଥିଲେ, ତାଙ୍କ ପିତାଙ୍କ ନାମ ମୁହମ୍ମଦ ସାଦ୍ଦିକ୍ ସାହେବ । ବିଗତ ଦିନ ରାଇନ୍ ନଦୀରେ ବୁଡ଼ି ତାଙ୍କର ଅକାଳ ବିୟୋଗ ହୋଇଛି, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ମୃତ୍ୟୁ ସମୟରେ ତାଙ୍କୁ ମାତ୍ର ୨୦ ବର୍ଷ ବୟସ ହୋଇଥିଲା । ପାକିସ୍ତାନର ଚକ୍ ସିକନ୍ଦର ଗୁଜୁରାଟର ସେ ନିବାସୀ ଥିଲେ ଏବଂ ଭାଇ ଭଉଣୀଙ୍କ ମଧ୍ୟରେ ସବୁଠାରୁ ସାନ ଥିଲେ ମାଆ ବାପାଙ୍କ ବ୍ୟତିତ ତାଙ୍କର ପାଂଚଜଣ ଭଉଣୀ ଓ ଜଣେ ଭାଇ ଅଛନ୍ତି । ତାଙ୍କ ବଂଶରେ ଅହେମଦୀୟତ ତାଙ୍କ ଜେଜେଙ୍କ ଘର ତରଫରୁ ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅଙ୍କ ସମୟକାଳରେ ଆସିଥିଲା ଯେତେବେଳେ ତାଙ୍କ ଜେଜେ ନିଜ ଦୁଇ ଭାଇଙ୍କ ସମେତ ଅହେମଦୀୟତର ଦୀକ୍ଷା ନେଇଥିଲେ । ପରେ ସେମାନେ ଅର୍ଥାତ ସେ ଦୁଇ ଭାଇ ତ ଅହେମଦୀୟତ ଛାଡ଼ି ଚାଲିଯାଇଥିଲେ କିନ୍ତୁ ତାଙ୍କ ଜେଜେ ସ୍ୱଧର୍ମରେ ଅଟଳ ଓ ଅବିଚଳ ରହିଥିଲେ । ନନାଘରେ ଅର୍ଥାତ ଅଜାଙ୍କ ଘରେ ଅହେମଦୀୟତର ଆଗମନ ତାଙ୍କ ବଡ଼ଅଜା ହଜ୍‌ରତ୍ ଶାହ ମୁହମ୍ମଦ ସାହେବ୍ ଏବଂ ତାଙ୍କ ପିତା ହଜ୍‌ରତ୍ ଲଙ୍ଗର ମୁହମ୍ମଦ ସାହେବଙ୍କ ମାଧ୍ୟମରେ ଆସିଥିଲା ଯେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବିମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଥିଲେ । ଯିଏ ୧୯୦୩ ମସିହାରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ହସ୍ତରେ ଜେହଲମ୍‌ଠାରେ ବୟତ କରିଥିଲେ । ୧୯୮୯ ମସିହାରେ ଯମାତ୍‌ର ଅବସ୍ଥା ଅତ୍ୟନ୍ତ ସୋଚନୀୟ ହୋଇଯାଇଥିଲା ସେତେବେଳେ ଅଣଅହେମଦୀମାନେ ଅହେମଦୀଙ୍କ ବିରୋଧରେ ଆନ୍ଦୋଳନମୂଳକ ଶୋଭାଯାତ୍ରା ଆରମ୍ଭ କରିଦେଇଥିଲେ ଅତଏବ ତାଙ୍କ ମାତାପିତାଙ୍କୁ ମଧ୍ୟ ଭୀଷଣ ବିରୋଧର ସମ୍ମୁଖିନ ହେବାକୁ ପଡ଼ିଥିଲା ତାଙ୍କ ମାତାଙ୍କୁ ମଧ୍ୟ ଅନେକ ପ୍ରକାର ନିର୍ଯ୍ୟାତନା ଓ କଷଣ ସହ୍ୟ କରିବାକୁ ପଡ଼ିଥିଲା ଏବଂ ତାଙ୍କ ପିତାଙ୍କ ଉପରେ ମଧ୍ୟ ମିଥ୍ୟା ମୋକଦ୍ଦମା କରାଯାଇଥିଲା ଯାହାକି ୭ ବର୍ଷ ପର୍ଯ୍ୟନ୍ତ ଅଭ୍ୟାହତ ରହିଥିଲା ଅର୍ଥାତ ଚାଲିଥିଲା । ତା'ପରେ ସେମାନେ ଜର୍ମାନୀ ଚାଲିଆସିଥିଲେ ଏଠାରେ କିଛି ପ୍ରାଥମିକ ଶିକ୍ଷା ହାସଲ କରିବାପାରେ ମୃତକ ଜାମିୟାରେ ପ୍ରବେଶ କରିଥିଲେ ଓ ଯାମିୟା ଅହେମଦୀୟାର ତୃତୀୟବର୍ଷରୁ ଉତୀର୍ଣ୍ଣ ହୋଇଯାଇଥିଲେ । କିନ୍ତୁ ପ୍ରଭୁଙ୍କ ଧାର୍ଯ୍ୟ ବିଧାନ ଥିଲା କି ସେ ତାଙ୍କୁ ନିଜ ନିକଟକୁ ଡ଼ାକି ନେଇଗଲେ ।

ତାଙ୍କ ପିତା କୁହନ୍ତି ମୋ ପ୍ରୀୟ ଉସାମାଙ୍କର ଯେତେ ପ୍ରଶଂସା କଲେ ମଧ୍ୟ ତାହା କମ୍ ହେବ । କାରଣ ସେ ଖୁବ୍ କମ୍ ବୟସରେ ଅନେକ କିଛି ସୁନାମ ଅର୍ଜନ କରିଯାଇଛନ୍ତି । ଛାତ୍ରାବସ୍ଥାରେ ହିଁ ସେ ଅନେକ ସୁଗୁଣର ଅଧିକାରୀ ଥିଲା । ତାହାର ଅଧିକାଂଶ ସମୟ ପାଠପଢ଼ାରେ କଟୁଥିଲା । କରୋନା ଯୋଗୁଁ ସେ ଦୀର୍ଘ ୬ ମାସ ହେଲା ଘରେ ରହିଥିଲା । ବାଯମାତ୍ ନମାଜ ପାଠ କରିବା ସହିତ ରମ୍‌ଜାନ୍ ମାସରେ ରୋଜା ରଖିବା ଏବଂ ନମାଜର ଇମାମତ୍ କରିବା ଆଦି ସମସ୍ତ କାର୍ଯ୍ୟ ସେ ସଠିକ୍ ରୂପେ ସମ୍ପାଦନ କରୁଥିଲା । ଛୁଟି ସାରି ଯାମିୟା ଯିବାପାଇଁ ପ୍ରସ୍ତୁତ ହେଉଥିଲା କିନ୍ତୁ ଇତି ମଧ୍ୟରେ ପ୍ରଭୁଙ୍କ ନିକଟକୁ ଚାଲିଗଲା । ତାଙ୍କ ମାତା କୁହନ୍ତି ନିଜର ସମସ୍ତ କାର୍ଯ୍ୟ ବେଶ୍ ଦାୟିତ୍ୱର ସହ ସମ୍ପାଦନ କରୁଥିଲା । ଅତି ସରଳ, ନିଷ୍କପଟ ଓ ଖୁବ୍ କମ୍ କହିବା ଏବଂ ଆବଶ୍ୟକ ସ୍ଥଳେ କଥା କହିବା ମଣିଷ ଥିଲା । ପିତାମାତାଙ୍କ ଅତି ଆଜ୍ଞାକାରୀ ଓ ଦୃଢ଼ ଆତ୍ମବିଶ୍ୱାସ ସହ ସ୍ୱଭାବରେ ଏକାଗ୍ରତା ଆଦି ଗୁଣ ଅନନ୍ୟ ଥିଲା । ବିଭିନ୍ନ ଭାଷାରେ ପାରଙ୍ଗମ ହେବାକୁ ପ୍ରଚେଷ୍ଟା କରୁଥିଲା । ବିଶେଷକରି ଆରବୀ, ଫାର୍ସୀ, ଇଂରାଜୀ, ଜର୍ମାନୀ ଆଦି ଭାଷା ପ୍ରତି ବିଶେଷ ଧ୍ୟାନ ଦେଉଥିଲା ଓ ମନନିବେଶ କରୁଥିଲା କି ସେ ଏହି ସବୁ ଭାଷାଗୁଡ଼ିକରେ କିଭଳି ପାରଙ୍ଗମ ହାସଲ କରିବ ।

ନ୍ୟାସନାଲ ସେକ୍ରେଟାରି ଶ୍ରୀମାନ ଫରିଦ୍ ସାହେବ ଲେଖିଛନ୍ତି ଉସାମା ଅନେକ ସୁଗୁଣର ଅଧିକାରୀ ଥିଲା । ତାଙ୍କ ମଧ୍ୟରେ ଗୋଟିଏ ଭଲ ଗୁଣ ଏହା ଥିଲା କି, ସେ ପ୍ରଚାର ଅଭିଯାନରେ ବେଶ୍ ଆଗ୍ରହର ସହିତ ଭାଗ ନେଉଥିଲେ । ନିଜ ଦେହାନ୍ତର ଦୁଇଦିନ ପୂର୍ବରୁ ମଧ୍ୟ ସେ ତିନିଦିନ ପର୍ଯ୍ୟନ୍ତ କ୍ରମାଗତ ଭାବରେ ଅନେକ ପ୍ରତ୍ରିକା ବଂଟନ କରିବାପାଇଁ ଜର୍ମାନୀର ପୂର୍ବାଂଚଳକୁ ଗସ୍ତ କରିଥିଲେ । ଯେତେବେଳେ ମଧ୍ୟ ପ୍ରତ୍ରିକା ବଂଟନ କରିବାପାଇଁ ତାଙ୍କୁ ଡ଼ାକୁଥିଲୁ ସେ କଦାପି ମନା କରୁନଥିଲେ ବରଂ ବଢ଼ିଚଢ଼ି ଭାଗ ନେଉଥିଲେ । ଯାମିଆ ଅହେମଦୀୟାରୁ ଉତୀର୍ଣ୍ଣ ହୋଇଥିବା ସୋହେବ୍ ନାସିର୍ ସାହେବ୍ ମୁରବୀ ସିଲ୍‌ସିଲା ଜର୍ମାନୀ କୁହନ୍ତି, ସେ ମୋର ଚାରିବର୍ଷ ଜୁନିୟର ଥିଲେ କିନ୍ତୁ ଉପାସନାରେ ମୋ ପାଇଁ ଏକ ଆଦର୍ଶ ଥିଲେ । ଅଧିକାଂଶ ସମୟରେ ମସ୍‌ଜିଦ୍‌ର ପ୍ରଥମ ସଫ୍‌ରେ ଅର୍ଥାତ ଆଗଧାଡ଼ିରେ ତାଙ୍କୁ ଦେଖିବାକୁ ପାଉଥିଲି ଏବଂ ନମାଜ ପୂର୍ବରୁ ଆସି ଅତିରିକ୍ତ ନମାଜ ପାଠ କରିବା ତାଙ୍କର ବିଶେଷ ଗୁଣଥିଲା । ନମାଜ ଅନ୍ତେ ପ୍ରଭୁଙ୍କ ଗୁଣଗାନ କରିବାରେ ମଜି ରହୁଥିଲେ । ସେହି ଛାତ୍ରମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଯିଏ ସର୍ବପ୍ରଥମେ ମସ୍‌ଜିଦ୍ ଆସନ୍ତି କିନ୍ତୁ ସମସ୍ତଙ୍କପରେ ସେଠାରୁ ଯାଇଥାନ୍ତି । ଏହିପରି ଯୁମା ନମାଜରେ ମଧ୍ୟ ସର୍ବପ୍ରଥମେ ଆସି ପ୍ରଥମ ଧାଡ଼ିରେ ବସିଥାନ୍ତି । ଜାମିୟାର ପଢ଼ାପଢ଼ିରେ ମଧ୍ୟ ବେଶ୍ ରୁଚି ରଖୁଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ତଥା ତାଙ୍କ ପିତାମାତା ଓ ଭାଇଭଉଣୀଙ୍କୁ ଧୈର୍ଯ୍ୟ ରକ୍ଷା କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ସଲିମ୍ ଅହେମଦ୍ ମଲକ୍ ସାହେବଙ୍କର ଯିଏ ପୂର୍ବେ ଏଠାରେ ଶିକ୍ଷା ବିଭାଗ ସହିତ ଜଡ଼ିତ ଥିଲେ । ଅବସରପ୍ରାପ୍ତ ପରେ ଜାମିୟାରେ ଶିକ୍ଷାଦାନ କରୁଥିଲେ । ୮୭ ବର୍ଷ ବୟସରେ ସେପ୍ଟେମ୍ବର ମାସ ୨୪ ତାରିଖ ଦିନ ତାଙ୍କର ବିୟୋଗ ହେଲା, *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ତାଙ୍କ ଜେଜେ ହଜ୍‌ରତ୍ ମଲକ୍ ନୁରଦ୍ଦିନ୍ ସାହେବ ଓ ପିତା ହଜ୍‌ରତ୍ ମଲକ୍ ଅଜିଜ ଅହ୍‌ମଦ୍ ସାହେବ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ । ତାଙ୍କ ପିତାଙ୍କର ଏକ ଘଟଣା ତାଙ୍କ ମାତା କୁହନ୍ତି କି ଏକଦା କୌଣସି ଅଜଣା ରୋଗରେ ତାଙ୍କ ବଂଶରେ ଅନେକ ଲୋକଙ୍କର ଅକାଳ ବିୟୋଗ ଘଟିଲା । ତେଣୁ ତାଙ୍କ ଜେଜେମା ହକିମ୍ ମୌଲବୀ ନୁରଦ୍ଦିନ ସାହେବଙ୍କ ନିକଟରେ ପିଲାଙ୍କର ଅବସ୍ଥା ସମ୍ବନ୍ଧରେ କହିବାରୁ ସେ ସଙ୍ଗେସଙ୍ଗେ ତାଙ୍କୁ ଦେଖିବାକୁ ଚାଲି ଆସିଲେ ଏବଂ କହିଲେ ଛୁଆର ଜୀବିତ ରହିବା ଆଶଙ୍କା ଖୁବ୍ କମ୍ ଦୃଶ୍ୟମାନ ହେଉଛି । କେବଳ ଦୁଆ ହିଁ ତାହାକୁ ତାହାର ଆୟୁସକୁ ବଢ଼ାଇପାରିବ । ଏଥିଅନ୍ତେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଅଓ୍ୱଲ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସେବାରେ ସେ ଉପସ୍ଥିତ ହୋଇ ଦୁଆ କରିବାପାଇଁ ନିବେଦନ କଲେ । ହଜ୍‌ରତ୍ ମସିହ ମଉଦ୍ ଆ:ସ ସେତେବେଳେ ମସ୍‌ଜିଦ୍ ଅକ୍‌ସାର ପାହାଚରେ ତାଙ୍କ ସହ ସାକ୍ଷାତ କରିଥିଲେ । ଛୁଆର ଅବସ୍ଥା ସମ୍ପର୍କରେ କହିବାରୁ ପ୍ରତିଉତ୍ତରରେ ହଜୁର ଆ:ସ କହିଲେ

ବର୍ତମାନ ଚାଲ ଛୁଆକୁ ଦେଖିନେବା ଅତଏବ ହଜୁର ତାଙ୍କ ଘରକୁ ଚାଲିଆସିଥିଲେ ଏବଂ ଛୁଆର ମଥାରେ ହାତ ରଖି କହିଲେ ଏ ଛୁଆ ଇନ୍‌ଶାଅଲ୍ଲାଃ ତାଲା ସୁସ୍ଥ ହୋଇଯିବ । ସୁତରାଂ ହଜୁର ଆ:ସଙ୍କ ଦୁଆର ପରିଣାମ ସ୍ୱରୁପ ଯାହାକି ଏକ ନିର୍ଦ୍ଦଶନ ଥିଲା, ସେ ସୁସ୍ଥ ହୋଇଗଲା ଏହିପରି ମର୍‌ହୁମ୍‌ଙ୍କ ବାପା ଦୀର୍ଘ ୭୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥିଲେ ।

ସଲିମ୍ ମଲକ୍ ସାହେବ ପ୍ରାଥମିକ ଶିକ୍ଷା କାଦିୟାନରୁ ହାସଲ କରିଥିଲେ ପରେ ଦେଶ ବିଭାଜନ ଯୋଗୁଁ ତାଙ୍କ ପରିବାର ସିଆଲ୍‌କୋଟକୁ ସ୍ଥାନାନ୍ତରିତ ହୋଇଯାଇଥିଲେ । ସେଠାରେ କଲେଜ୍‌ର ଶିକ୍ଷା ଶେଷ କରିବାପାରେ କରାଚୀ ଚାଲିଯାଇଥିଲେ । ସେଠାରୁ ସାଇନ୍ସରେ ସ୍ନାତକ ହାସଲ କରିବାପାରେ ୧୯୬୦ ମସିହାରେ ୟୁକେ ଆସିଗଲେ ଏବଂ ଏଠାକାର ୱେଡ଼ିଙ୍ଗ ୟୁନିର୍ଭସିଟିରେ ଅନେକ ବର୍ଷ ପର୍ଯ୍ୟନ୍ତ ଜିଓଲୋଜିକାଲ୍ କେମିଷ୍ଟ୍ରିର ପ୍ରଫେସର ଥିଲେ । ପ୍ରାରମ୍ଭରୁ ମୃତକ ୟୁକେ ଯମାତ୍‌ର ବିଭିନ୍ନ ବିଭାଗରେ ସେବା ସମ୍ପାଦନ କରିବାରେ ସୌଭାଗ୍ୟ ଅର୍ଜନ କରିଛନ୍ତି । ନ୍ୟାସନାଲ ସେକ୍ରେଟାରୀ ତାଲିମ୍ ଓ ତର୍‌ବିୟତ ଥିଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ସେକ୍ରେଟାରୀ ଉମୁରେ ଖାର୍‌ଜା ମଧ୍ୟ ରହିଥିଲେ ପୁଣି ଯମାତ୍‌ର ଇଂଟରନ୍ୟାସନାଲ ରିଲେସନ୍ ବିଭାଗରେ ମଧ୍ୟ ଅନେକ କିଛି କାର୍ଯ୍ୟ ସମ୍ପାଦନ କରିଛନ୍ତି । ଅହେମଦୀମାନଙ୍କ ଅବସ୍ଥାରେ ବିଶେଷ୍ଲଣ କରିବା ପାଇଁ ବିଭାଗର ହ୍ୟୁମାନ୍ ରାଇଟ୍‌ସ କମିଟି ସହିତ ପାକିସ୍ତାନ ଦୁଇଥର ଗସ୍ତ କରି ରିପୋର୍ଟ ପ୍ରସ୍ତୁତ କରିବାର ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ଏହିପରି ବିଶ୍ୱର ବିଭିନ୍ନ ଦେଶ ଯେପରି ୧୯୯୨ ମସିହାରେ ୟୁକେ ଆଉ ସ୍ୱେନରେ ଯମାତ୍‌ର ଷ୍ଟଲ ଲଗାଇ ତାହାକୁ ଅର୍ଗାନାଇଜ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ୧୯୯୭ ମସିହାରେ ଯାମିୟା ଅହେମଦୀୟାର ସ୍ଥାପନ ପରୀପ୍ରେକ୍ଷୀରେ ଖଲିଫତୁଲ୍ ମସିହ ରାବେ ଯେଉଁ କମିଟି ଗଠନ କରିଥିଲେ ସେଥିରେ ମଧ୍ୟ ସେ ସାମିଲ ଥିଲେ ଅର୍ଥାତ ଜଣେ ମେମ୍ବର ଭାବରେ ସେ ଅନ୍ତର୍ଭୁକ୍ତ ଥିଲେ । ଜାମିୟା ଅହେମଦୀୟା ୟୁକେର ପ୍ରାରମ୍ଭରେ ତାଙ୍କୁ ଚିଫ୍ ଆଡ଼ମିଷ୍ଟ୍ରେସନ ଭାବରେ ମୁତୟନ କରାଯାଇଥିଲା । ଏହି ଦାୟିତ୍ୱଭାରେ ସେ ୧୩ ନଭେମ୍ବର ୨୦୦୫ ମସିହା ପର୍ଯ୍ୟନ୍ତ ସମ୍ପାଦନ କରିଥିଲେ । ଯାମିୟା ଅହେମଦୀୟାର ଛାତ୍ରଙ୍କୁ ଇଂରାଜୀ ଏବଂ ଇତିହାସ ନିଜର ଶେଷ ସମୟ ପର୍ଯ୍ୟନ୍ତ ପଢ଼ାଇଛନ୍ତି । ଅର୍ଥାତ ଶିକ୍ଷକତା କରିଛନ୍ତି । ଯେତେବେଳେ ଇସ୍‌ଲାମାବାଦ୍‌ର ଜମି କିଣାଗଲା ସେତେବେଳେ ହଜ୍‌ରତ୍ ଖଲିଫତୁଲ ମସିହ ରାବେ ତାଙ୍କୁ ଲାଇବ୍ରେରୀ କରିବାପାଇଁ ଦାୟିତ୍ୱ ପ୍ରଦାନ କରିଥିଲେ । ମୃତକ ଅତ୍ୟନ୍ତ ଧାର୍ମିକ ଏବଂ ନମାଜ, ରୋଜା ଆଦି ଧାର୍ଯ୍ୟ ବିଧାନକୁ ନିୟମିତ ରୂପେ ପାଳନକାରୀ ବ୍ୟକ୍ତିତ୍ୱ ଥିଲେ । ଅତ୍ୟନ୍ତ ସ୍ନେହୀ, ମିଷ୍ଟଭାଷୀ, ପ୍ରଚାରକ, ଅତିଥିସତ୍କାରୀ, ଖିଲାଫତ ସହ ନିଷ୍ଠା ଓ ବିଶ୍ୱସ୍ତତାର ସହ ସମ୍ପର୍କ ରକ୍ଷାକାରୀ ବ୍ୟକ୍ତି ଥିଲେ । ସେ ନିଜ ପଛରେ ନିଜ ପତ୍ନୀଙ୍କ ବ୍ୟତିତ ତିନୋଟି କନ୍ୟା ସନ୍ତାନ ଓ ଅନେକ ନାତିନାତୁଣୀ ଛାଡ଼ି ଯାଇଛନ୍ତି ।

ତାଙ୍କ ଭଣଜା ମିଆଁ ଅବ୍‌ଦୁଲ୍ ୱାହାବ୍ ସାହେବ କୁହନ୍ତି, ୧୯୬୦ ରେ ଯେତେବେଳେ ସେ ଲଣ୍ଡନ ଆସିଲେ ତାଙ୍କୁ ତାଙ୍କ ପିତା ଉପଦେଶ ପୂର୍ବକ କହିଥିଲେ କି ପ୍ରଥମତଃ ଯମାତ୍ ସହ ସମ୍ପର୍କ କଦାପି ତୁଟାଇବ ନାହିଁ । ବିଦେଶର ଚାକଚକ୍ୟରେ ହଜି ଯିବନାହିଁ । ସର୍ବଦା ଚାନ୍ଦା ସମୟ ପୂର୍ବରୁ ପଇଠ କରିଦେବ ଏବଂ ଧାର୍ଯ୍ୟାନୁଯାୟୀ ଚାନ୍ଦା ଦେବ କାରଣ ଏହା ମଣିଷର ସଂଶୋଧନ ପାଇଁ ଜରୁରୀ ଅଟେ । ତୃତୀୟରେ ଯଦି କେହି ତୁମକ ସାହାଯ୍ୟ ମାଗେ ତେବେ ତାହାର ସାହାଯ୍ୟ କରିବାକୁ କେବେ ପଛଘୁଂଚା ଦେବନାହିଁ । ସେ କୁହନ୍ତି ମୁଁ ନିଜର ସର୍ବଦା ପିତାଙ୍କର ଏହି ଉପଦେଶର ପାଳନ କରିଆସିଅଛି ତାଙ୍କ ଭଣଜା ଲେଖିଛନ୍ତି ଏକଦା ତାଙ୍କର କୌଣସି ପରିଜନଙ୍କୁ ଅର୍ଥର ଆବଶ୍ୟକତା ପଡ଼ିଲା ତେଣୁ ସେ ନିଜ ଘର ବିକ୍ରିକରି ତାହାର ଆବଶ୍ୟକତା ପୂରଣ କରିଦେଇଥିଲେ । ପରିଣାମସ୍ୱରୁପ ପ୍ରଭୁ ତାଙ୍କୁ ଏଭଳି ବିଭୁତି ପ୍ରଦାନ କଲେ ଯେ, ସେହି ଘରଠାରୁ ସେ ଭଲ ଓ ବଡ଼ ଘର ତାଙ୍କୁ ମିଳିଯାଇଥିଲା । ସେ ଜଣେ ପଣ୍ଡିତ ତଥା ବିଦ୍ୱାନ ବ୍ୟକ୍ତି ଥିଲେ ମୁଁ ଯେତେବେଳେ ତାଙ୍କ ସହ ସାକ୍ଷାତ କରିଛି ତାଙ୍କୁ ଜଣେ ସାଧାରଣ ମଣିଷଟିଏ ବୋଲି ମଣିଥିଲି ଓ ଭାବୁଥିଲି ଯେ ସେ ଇଂରାଜୀ ଭଲ ଜାଣିଥିବେ ବୋଲି ମୋ ଭାବନାରେ ଥିଲା କାରଣ ସେ ଜଣେ ଇଂରାଜୀ ଟିଚର ଥିଲେ କିନ୍ତୁ ପରେ ଜାଣିଲି ଯେ ସେ ଜଣେ ନିଷ୍ଠାପର ଓ ବିଶ୍ୱସ୍ତତାର ଉଚ୍ଚସ୍ତରରେ ଅଧିଷ୍ଠିତ ବ୍ୟକ୍ତି । ଯମାତ୍‌ର ସେବା କରିବା ତଥା ଜଣେ ଚଳପ୍ରଚଳନକାରୀ ଇନ୍‌ସାଇକ୍ଲୋପିଡ଼ିଆ ଥିଲେ । ପ୍ରତ୍ୟେକ ବିଷୟରେ, ବିଶେଷକରି ଇତିହାସରେ ତାଙ୍କର ଜ୍ଞାନ ଢ଼େର ଅଧିକ ରହିଥିଲା । ଏଥିସହିତ ଲିଟରେଚରରେ, ତାହା ଇଂରାଜୀ ହେଉ ଅବା ଉର୍ଦ୍ଦୁ ସେଥି ପ୍ରତି ମଧ୍ୟ ତାଙ୍କର ବିଶେଷ ରୁଚି ରହିଥିଲା କିନ୍ତୁ କଦାପି ନିଜ ଜ୍ଞାନକୁ ନେଇ ଗର୍ବ କରୁନଥିଲେ । ଅନ୍ୟମାନଙ୍କ ଆଗରେ ନିଜ ଜ୍ଞାନର ଲୋକଦେଖାଣିଆ କାର୍ଯ୍ୟ କରୁନଥିଲେ ଅନ୍ୟମାନଙ୍କୁ ମଧ୍ୟ ଜ୍ଞାନ ଆହାରଣ କରିବାକୁ ପ୍ରୋତ୍ସାହିତ କରୁଥିଲେ । ରାଜନୈତିକ ବୁଦ୍ଧି ଜ୍ଞାନ ଓ ପାକିସ୍ତାନର କମ୍ୟୁନିଟି ସହ ମଧ୍ୟ ତାଙ୍କର ସମ୍ପର୍କ ରହିଥିଲା ଏବଂ ସେହି ସମ୍ପର୍କକୁ ଯମାତ୍‌ର ସପକ୍ଷରେ ସେ ବ୍ୟବହାର କରୁଥିଲେ ଯେବେ ମର୍‌ହୁମ୍ ସେକ୍ରେଟାରୀ ଉମୁରେ ଖାରିଜାଃ ଥିଲେ ସେ Lord Ave Burgଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ତାଙ୍କ ଜରିଆରେ ଯମାତ୍‌ର Lord Ave Burgଙ୍କ ସହିତ ସମ୍ପର୍କ ସ୍ଥାପନ ହୋଇଥିଲା ଏବଂ ପାର୍ଲାମେଂଟ ହାଉସରେ ମୋର ଯେଉଁ ଭିଜିଟ ହୋଇଥିଲା ସେଥିରେ ତାଙ୍କର ବିଶେଷ ଅବଦାନ ରହିଥିଲା ।

ମର୍‌ୱାନ୍ ସରୱର ଗୁଲ୍ ସାହେବ ମୁବଲିଗ୍ ସିଲ୍‌ସିଲା ଅର୍ଜେଂଟିନା ଲେଖିଛନ୍ତି । ତାଙ୍କ ଜ୍ଞାନ ଯୋଗୁଁ ଯାମିଆର ସମସ୍ତ ଛାତ୍ରମାନଙ୍କ ଓ ମୁଁ ନିଜେ ତାଙ୍କୁ ବିଶେଷ ସମ୍ମାନ ପ୍ରଦାନ କରୁଥିଲେ ଅର୍ଥାତ ମୃତକଙ୍କ ଜ୍ଞାନ ଯୋଗୁଁ ତାଙ୍କର ପାଣ୍ଡିତ୍ୟତା ଯୋଗୁଁ ସମସ୍ତେ ତାଙ୍କୁ ସମ୍ମାନ ପ୍ରଦାନ କରୁଥିଲେ । କିନ୍ତୁ ଯାମିୟାରୁ ପାଶ୍ ହେବାପରେ ତାଙ୍କ ସହ ମୋର ବ୍ୟକ୍ତିଗତ ସମ୍ପର୍କ ଗଢ଼ି ଉଠିଥିଲା ଯେତେବେଳେ ଆର୍ଜେଂଟିନାରେ ମୋର ଡ୍ୟୁଟି ଲାଗିଲା ଏବଂ ମୁଁ ଆର୍ଜେଂଟିନାରେ ମୁତୟନ ହେଲି ସେତେବେଳେ ସେ ଏଥିରେ ବହୁତ ଆନନ୍ଦିତ ହୋଇଥିଲେ ମତେ କହୁଥିଲେ ତୁମେଜଣେ ପାୟୋନିୟର ମୁବଲିଗ୍ ତେଣୁ ତୁମକୁ ବହୁତ ଅଧିକ କାର୍ଯ୍ୟ କରିବା ଆବଶ୍ୟକ । ବିଶେଷକରି ସେଠାକାର ଭାଷା ଶିଖିବ ଏବଂ ଯମାତ୍ ର ଟେକ ରଖିବ । ସେଠାରେ ଭଲ ଭାବରେ ପ୍ରଚାର କାର୍ଯ୍ୟ କରିବ । ସେମାନଙ୍କର ଭାଷା ଏପରି ଶିଖ ଯେମିତି ତୁମର ଆର୍ଟିକିଲ ତାଙ୍କ ଖବରକାଗରେ ପ୍ରକାଶ ପାଇବ । ଏପରି ନିଜ ଘରେ ନିଜ ଛାତ୍ରମାନଙ୍କୁ ନିମନ୍ତ୍ରଣ କରୁଥିଲେ ଏବଂ ସେମାନଙ୍କୁ ନିଜ ଲାଇବ୍ରେରୀକୁ ମଧ୍ୟ ନେଇଯାଉଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ:- ଏହା ତାଙ୍କ ଛାତ୍ର ଓ ମୁରବୀମାନେ ମତେ ଲେଖିଛନ୍ତି ସେ ଆହୁରି କୁହନ୍ତି ଯେ ମତେ ଡ଼ାକି କହିଲେ ମୋ ଲାଇବ୍ରେରୀକୁ ଆସି ନିଜ ପସନ୍ଦର କୌଣସି ପୁସ୍ତକ ନେଇଯାଅ ଏବଂ ତାହା ହିଁ ତୁମପାଇଁ ମୋର ଉପହାର ହେବ ସେ ସର୍ବଦା କହୁଥିଲେ ଯାମିୟା ଅହେମଦୀୟା ଏକ ଅଭୁତପୂର୍ଣ୍ଣ ଶିକ୍ଷାନୁଷ୍ଠାନ ଯାହା ଉପରେ ଖଲିଫାଙ୍କର ଅନେକ ଆଶା ଭରଷା ରହିଛି ତେଣୁ ଏହାର ଛାତ୍ରମାନଙ୍କୁ ଅସାଧାରଣ ସ୍ତରର ଜ୍ଞାନ ଆହାରଣ କରିବା ଉଚିତ । ସେ ଆହୁରି ଲେଖିଛନ୍ତି ଲଣ୍ଡନରୁ ବାହାରିବା ସମୟରେ ଆର୍ଜେଂଟିନା ନିଜ ଡ୍ୟୁଟି ସ୍ଥାନକୁ ଯିବା ପୂର୍ବରୁ ମତେ ବିଶେଷ ଉପଦେଶ ଦେଇ କହିଲେ କି ଭାଷାରେ ଏଭଳି ଦକ୍ଷତା ହାସଲ କର ଯେପରି କି ମୁଁ କହିଲି ତୁମର ଆର୍ଟିକିଲ ପ୍ରକାଶିତ ହେବ ଏବଂ ମତେ କହିଲେ ମତେ ପତ୍ର ଲେଖୁଥିବ ଯେତେବେଳେ ମୋ ଆଡୁ ଅବହେଳା ବା ବିଳମ୍ବ ହୋଇଯାଏ ସେତେବେଳେ ସେ ତାଙ୍କ ଆଡୁ ମତେ ଧ୍ୟାନ ଦେଉଥିଲେ ଓ ପତ୍ର ଲେଖୁଥିଲେ ଓ ପତ୍ର ଲେଖିବାକୁ ମତେ କହୁଥିଲେ । ଅଲ୍ଲାଃ ତାଲା ମୃତକଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିମାନଙ୍କୁ ମଧ୍ୟ ଖିଲାଫତ ସହ ଓ ଯମାତ୍ ସହ ଯୋଡ଼ି ରଖନ୍ତୁ । ନମାଜ ଜୁମା ପରେ ମୁଁ ଏମାନଙ୍କର ନମାଜ ଯନାଜାଃ ଗାଏବ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅହେମଦୀମାନେ ଆମକୁ ବୋକା ବନାଉ ନାହାନ୍ତି ବରଂ ତୁମେମାନେ ହିଁ ଆମମାନଙ୍କୁ ବୋକା ବନାଇ ଆସିଛ ତେଣୁ ତୁମେମାନେ ଏଠାରୁ ତତ୍‌କ୍ଷଣାତ ଚାଲିଯାଅ ଓ ଆସନ୍ତାକୁ କେବେ ମଧ୍ୟ ଏ ଗାଁରେ ପାଦ ରଖିବାନାହିଁ । ପୁଣି କହିଲେ ଯେ ଆମେ ଯମାତ୍ ଅହେମଦୀୟା ସହିତ ଆଜି ଅଛୁ ଓ ଆସନ୍ତାକୁ ମଧ୍ୟ ରହିବୁ । ଅତଏବ ବିରୋଧିମାନେ ସେଠାରୁ ଅସଫଳ ହୋଇଚାଲିଗଲେ । ଏବେ ଏହ ଗାଁର ଲୋକମାନେ ପୂର୍ବାପେକ୍ଷା ଅଧିକ ନିଷ୍ଠାର ନମୁନା ଦେଖାଉଅଛନ୍ତି ଏବଂ ନିୟମିତ ଚାନ୍ଦା ବ୍ୟବସ୍ଥାରେ ମଧ୍ୟ ସାମିଲ ହେଉଛନ୍ତି ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ: ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଛନ୍ତି ଯେ ଖୁଦାତାଲା ନିଜ ଭକ୍ତମାନଙ୍କୁ ସାହାଯ୍ୟ କରିଥାନ୍ତି । ଶତୃ ଭକ୍ତମାନଙ୍କୁ ନିଃଶେଷ କରିଦେବାକୁ ଚାହିଁଥାଏ କିନ୍ତୁ ଭକ୍ତମାନେ ଦିନକୁ ଦିନ ଉନ୍ନତି କରିଚାଲିଥାନ୍ତି ଓ ଶେଷରେ ଶତୃମାନଙ୍କ ଉପରେ ବିଜୟ ପ୍ରାପ୍ତ କରିଥାନ୍ତି । ଯେମିତିକି ଅଲ୍ଲାଃ ତାଲାଙ୍କର ଏ ପ୍ରତିଶୃତି ରହିଛି କି ***କିତବଲ୍ଲାହୁ ଲଅଗ୍‌ଲିବନ୍ନା ଅନା ୱ ରୁସୁଲି*** ଅର୍ଥାତ ଅଲ୍ଲାଃ ନିଷ୍ପତି କରିସାରିଛନ୍ତି, "ଆମ୍ଭେ ଓ ଆମ୍ଭର ରସୁଲ୍ ନିଶ୍ଚିତ ବିଜୟୀ ହେବୁ" । ପ୍ରଥମେ ପ୍ରଥମେ ଯେବେ ମଣିଷ ଈଶ୍ୱରଙ୍କ ସହିତ ସମ୍ବନ୍ଧ ଯୋଡ଼ିବା ଆରମ୍ଭ କରିଥାଏ ସେତେବେଳେ ସେ ତା ନଜରରେ ତୁଛ ଏବଂ ଛୋଟ ହୋଇଥାଏ କିନ୍ତୁ ଯେତେ ଯେତେ ସେ ଈଶ୍ୱରଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ଉନ୍ନତି କରିଚାଲିଥାଏ ସେତେସେତେ ତା'ର ପ୍ରସିଦ୍ଧି ବଢ଼ିଚାଲିଥାଏ । ଏପରି କି ସେ ଜଣେ ବଡ଼ ବୁଜ୍‌ରୁଗ୍ (ସନ୍ଥ) ହୋଇଯାଏ ।

ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି ଯେ ମୁଁ ଖୁଦାଙ୍କଠାରୁ ସତଜ୍ଞାନ ପ୍ରାପ୍ତ କରି କହୁଅଛି ଯେ ଯଦି ଏହି ସମସ୍ତ ମୌଲବୀ ଓ ସେମାନଙ୍କର ସଜାଦା ନଶିନ୍ (ଗୁରୁ) ଏବଂ ସେମାନଙ୍କ ମୁଲ୍‌ହମ୍ (ଈଶ୍ୱରଙ୍କଠାରୁ ଐଶିବାଣୀ ପ୍ରାପ୍ତ କରିଥିବା ବ୍ୟକ୍ତି) ଏକାଠି ହୋଇ ଐଶିବାଣୀ ସମ୍ବନ୍ଧରେ ମୋ ସହିତ ମୁକାବିଲା କରିବାକୁ ଚାହାନ୍ତି ତେବେ ଖୁଦାତାଲା ସେ ସମସ୍ତଙ୍କ ମୁକାବିଲାରେ ମୋତେ ବିଜୟ ପ୍ରଦାନ କରିବେ । କାରଣ ମୁଁ ଖୁଦାଙ୍କ ତରଫରୁ ଆସିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଅତଏବ୍ ଏକଥା ନିଶ୍ଚିତ ଯେ ଏବେ ଇସ୍‌ଲାମ୍‌ର ବିଜୟ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ହିଁ ହେବ । ଅଲ୍ଲାଃ ତାଲା ଏହି ବିଜୟ ପ୍ରଦାନ କରିବେ । ଯେମିତି କି ଏହି ସବୁ ଘଟଣାବଳୀରୁ ପ୍ରକାଶ ହେଉଅଛି । ମୁଁ କିଛି ଘଟଣାବଳୀ ଏଠାରେ ବର୍ଣ୍ଣନ କଲି । ସେଥିରୁ ପ୍ରମାଣ ହେଉଅଛି ଯେ କେମିତି ଅଭିନବ ଉପାୟରେ ଅଲ୍ଲାଃ ତାଲା ଲୋକମାନଙ୍କୁ ମାର୍ଗଦର୍ଶନ କରୁଛନ୍ତି । ଫଳତଃ ଲୋକମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ

ଯମାତ୍‌ରେ ସାମିଲ ହେଉଛନ୍ତି । ଏବେ ଆମେ ପୁରୁଣା ଅହେମଦୀମାନେ ସେହି ବର୍‌କତ୍‌ରୁ ଭାଗ ନେବା ଉଚିତ ଏବଂ ଆମକୁ ମଧ୍ୟ ସେହି ବାର୍ତ୍ତାକୁ ପଂହଚାଇବା ପାଇଁ ନିଜର ଭୂମିକାକୁ ସମ୍ପୂର୍ଣ୍ଣରୂପେ ନିର୍ବାହ କରିବାକୁ ହେବ । ସେହିଭଳି ଯେଉଁମାନେ ନୂଆ ଆସିଛନ୍ତି, ସେମାନେ ଏହି ବର୍‌କତ୍‌ରୁ ଭାଗନେବାକୁ ହେଲେ ଯେଉଁ ବାର୍ତ୍ତା ସେମାନଙ୍କୁ ସତ୍‌ପଥରେ ପରିଚାଳିତ କରିଛି, ସେହି ବାର୍ତ୍ତାକୁ ଅନ୍ୟମାନଙ୍କ ନିକଟରେ ପହଂଚାଇବା ଉଚିତ ଏବଂ ତବ୍‌ଲିଗ୍ କାର୍ଯ୍ୟରେ ପୂର୍ବାପେକ୍ଷା ଅଧିକ ଚେଷ୍ଟା କରିବା ଉଚିତ । ଅଲ୍ଲାଃ ତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃ ତାଲାଙ୍କ ମସିହଙ୍କର ସହଯୋଗୀ ହୋଇ ଆମେ ଅଲ୍ଲାଃଙ୍କ କୃପାକୁ ପ୍ରାପ୍ତ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣ ଠିକ୍ ୫:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ଦୁଆ ପରେ ହଜୁର ଅନଓ୍ୱର ଅ:ବ:ଅ ଏହି ଜଲ୍‌ସାରେ ଉପସ୍ଥିତ ଥିବା ମୋଟ ଉପସ୍ଥାନ ବିଷୟରେ ଘୋଷଣା କରି କହିଲେ ଯେ ଅମୀର୍ ସାହେବଙ୍କ ତରଫରୁ ଉପସ୍ଥାନର ଯେଉଁ ରିପୋର୍ଟ ମିଳିଛି ତା' ମୁତାବକ ଯମାତ୍ ଫ୍ରାନ୍‌ସର ଉପସ୍ଥାନ ୧୪୪୧ । ଅଣଯମାତି ଲୋକମାନଙ୍କ ସଂଖ୍ୟା- ୧୩୦ । ପୁରୁଷମାନଙ୍କର ସଂଖ୍ୟା ହେଉଛି ୧୬୩୮ ଏବଂ ମହିଳାମାନଙ୍କ ସଂଖ୍ୟା ୧୦୯୫ । ଏହିପରି ମୋଟ ଉପସ୍ଥାନ ୨୭୩୩ । ଏଠାରେ ପଡ଼ୋଶୀ ଦେଶ ଓ ଅନ୍ୟାନ୍ୟ ଦେଶମାନଙ୍କୁ ମିଶାଇ ୨୧ ଦେଶର ପ୍ରତିନିଧି ସାମିଲ ହୋଇଥିଲେ ।

ତ'ପରେ ଖୁଦାମ୍ ଏବଂ ଅତ୍‌ଫାଲ୍‌ମାନଙ୍କର ଅଲଗା ଅଲଗା ଦଳରେ ଦଳଗତଭାବେ ଦୁଆଇଆ ନଜମ୍ ଏବଂ ତରାନା ଉପସ୍ଥାପନ କଲେ । ସର୍ବପ୍ରଥମେ ଆରବର ଯୁବକମାନେ ଆରବୀଭାଷାରେ **କସିଦାଃ** ପଢ଼ିଲେ । ତା'ପରେ ଖୁଦାମ୍‌ମାନେ ଉର୍ଦ୍ଦୁଭାଷାରେ ଗୋଟିଏ ଦୁଆଇଆ ନଜମ୍ ପାଠ କଲେ । ତା'ପରେ ବଙ୍ଗଳା ଯୁବକମାନେ ବଙ୍ଗଳାଭାଷାରେ ଗୋଟିଏ ତରାନା ପଢ଼ି ଶୁଣାଇଲେ । ତା'ପରେ ଅତ୍‌ଫାଲ୍‌ଲ୍ ଅହେମଦୀୟା ଫ୍ରାନ୍‌ସର ଗୋଟିଏ ଦଳ ବହୁତ ସୁନ୍ଦର ସ୍ୱରରେ ନିମ୍ନଲିଖିତ ନଜମ୍ ପଢ଼ି ଶୁଣାଇଲେ:

**ହମ୍ ଅହେମଦୀ ବଚ୍ଚେ ହେଁ କୁଛ୍ କରକେ ଦିଖା ଦେଙ୍ଗେ**

**ଶୈତାଁ କି ହୁକୁମତ୍ କୋ ଦୁନ୍‌ୟା ସେ ମିଟା ଦେଙ୍ଗେ**

ତା'ପରେ ଖୁଦାମ୍ ପିଲାମାନଙ୍କର ଏକ ଦଳ ପଞ୍ଜାବି ଭାଷାରେ ନଜମ୍ ପଢ଼ି ଶୁଣାଇଲେ । ତା'ପରେ ୱାକିଫିନେ ନୌ ପିଲାମାନଙ୍କର ଗ୍ରୁପ୍ ଦୁଆଇଆ ନଜମ୍ ଉପସ୍ଥାପନ କଲେ । ଶେଷରେ ଆଫ୍ରିକୀୟ ସଦସ୍ୟମାନେ ମିଶି ନିଜର ବିଶେଷ ଶୈଳୀରେ ନିଜର ପ୍ରୋଗ୍ରାମ ଉପସ୍ଥାପନ କଲେ ଏବଂ କଲ୍‌ମା ତୟବାକୁ ଆବୃତି କରି ଚାଲିଲେ । ପରିଶେଷରେ ବହୁତ ଉତ୍ସାହର ସହିତ ନାରାହାଏ ତକ୍‌ବୀର୍ (ଅଲ୍ଲାଃଙ୍କ ଶ୍ରେଷ୍ଠତାର ସ୍ଲୋଗାନ) ଲଗାଇଲେ । ଏହି ପ୍ରୋଗ୍ରାମ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ୬:୧୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରରେ ପଦାର୍ପଣ କଲେ । ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେଶନ୍‌ରେ ୩୨ଟି ଫ୍ୟାମିଲିର ୧୦୭ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏତଦ୍‌ବ୍ୟତିତ ୨୫ ଜଣ ବ୍ୟକ୍ତିଗତ ଭାବେ ସାକ୍ଷାତ କରିବାରୁ ସୌଭାଗ୍ୟ ପ୍ରାପ୍ତ କଲେ । ସମସ୍ତେ ଜଣ ଜଣ ହୋଇ ନିଜ ପ୍ରୀୟ ମୁନୀବଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ଅତି ସ୍ନେହର ଛାତ୍ରଛାତ୍ରୀମାନଙ୍କୁ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ କୁନିକୁନି ପୁଅଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ କରୁଥିବା ଲୋକମାନଙ୍କ ମଧ୍ୟରେ ଟ୍ୟୁନସ୍ ଦେଶ ସହିତ ସମ୍ବନ୍ଧ ରଖିଥିବା ଜଣେ ବନ୍ଧୁ ଖଲିଲ୍ ଅସ୍‌ବାଇ ସାହେବ୍ ମଧ୍ୟ ଥିଲେ । ସେ ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ବୟତ କରିବାର ସୌଭାଗ୍ୟ ମଧ୍ୟ ପାଇଛନ୍ତି ।

ସେ ମହାଶୟ କହିଲେ ଯେ ଯଦିଚ ମୁଁ କିଛି ବର୍ଷ ପୂର୍ବେ ବୟତ କରିଥିଲି କିନ୍ତୁ ଆଜି ଜୀବନରେ ପ୍ରଥମଥର ପାଇଁ ନିଜ ପ୍ରୀୟ ଆକାଙ୍କ ପବିତ୍ର ହସ୍ତରେ ବୟତ କଲି । ମୁଁ ଗୋଟିଏ ମୁସଲମାନ ପରିବାରରେ ଜନ୍ମ ହୋଇଥିଲି କିନ୍ତୁ ଆଜି ମତେ ଏମିତି ଲାଗୁଛି ଯେମିତି ମୁଁ ନୂଆକରି ଜନ୍ମ ହୋଇଛି । ଆଜି ମତେ ଏକ ନୂଆ ଜୀବନ ମିଳିଛି । ଯେବେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦେଖିଲି, ମତେ ଏମିତି ଲାଗୁଥିଲା ଯେମିତି ମୁଁ ଜଣେ ଫରିସ୍ତା (ଦେବଦୂତ)ଙ୍କୁ ଦେଖୁଅଛି ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୮:୩୦ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ହଲ୍ ଭିତରକୁ ପ୍ରବେଶ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ତକ୍‌ରିବେ ଆମିନ୍ (ଆମିନ୍ ଉତ୍ସବ) ଅନୁଷ୍ଠିତ ହେଲା ।

**ତକ୍‌ରିବେ ଆମିନ୍**

ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୨୭ ଜଣ ଝିଅପୁଅମାନଙ୍କଠାରୁ ପବିତ୍ର କୁର୍‌ଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୂଆ କରାଇଲେ । ଆମିନ୍ ଉତ୍ସବରେ ସାମିଲ ହୋଇଥିବା ଝିଅ ଓ ପୁଅ ପିଲାମାନଙ୍କର ନାମ ନିମ୍ନରେ ଦିଆଗଲା ।

ଅଜିଜାଃ ଅଏଶା ମନ୍‌ସୁର, ଇମାନ୍ ଅତା, ସବିକା ରିଜ୍‌ୱାନ୍, ତାବିନା ଶାଦ୍, ୟାସ୍‌ମୀନ୍, ଶିରାଜ୍, ଅନିଲା ହସନ୍, ତବିନା କାହଲୁଁ, କଶଫ୍ ମୁକିତ୍, ସବିକା ଅଜ୍‌ହର୍, ହାନିୟା ଜିଆ, ୱାଶ୍‌ମା ଶାହିଦ୍ ଏବଂ ହମ୍‌ନା ଅହସନ୍ ।

ଅଜିଜମ୍ ୟୁସୁଫ୍ ଖାକ୍ ସିକନ୍ଦର ଶାହ୍, ୟୁସୁଫ୍ ଅର୍‌ଶମାନ ଗନି ଶାହ, ଯାହାଜେବ୍ ତନ୍‌ୱିର୍ ରହ୍‌ମାନ, ସମୀର୍ କମାଲ୍ ଅହମଦ ଦୀନ୍, ଖାକାନ୍ ନସୀର୍, ନୁମାନ୍ ଅହ୍‌ମଦ୍, ଇନ୍‌ତିସାର୍ ଅହମଦ୍, ମୁହମ୍ମଦ୍ କାମ୍‌ରାନ୍, ମଗଫୁର୍ ଅହ୍‌ମଦ୍, ଶାହ ହସିଦ୍ ତୟବ୍ ଏବଂ ଅମନ୍ ମନ୍‌ସୁର୍ ।

ଆମିନ ଉତ୍ସବ ପରେ ହଜୁର ଅନଓ୍ୱର ଅ:ବ:ଅ ମଗରିବ୍ ଏବଂ ଇଶା ନମାଜ ଯମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

**ନୌ ମୁବାଇନ୍ (ନୂଆ ଅହେମଦୀ)ମାନଙ୍କର ମନୋଭାବ ବ୍ୟକ୍ତ**

ଆଜି ବୟତ କରିଥିବା କେତେକ ନୂଆ ଅହେମଦୀ ନିଜ ନିଜର ମନୋଭାବକୁ ବ୍ୟକ୍ତ କଲେ ।

କମୁରୋଜସ୍ ଉପଦ୍ୱିପ ସହିତ ସମ୍ବନ୍ଧ ରଖିଥିବା ଜଣେ ନୌ ମୁବାଏ ହେଉଛନ୍ତି ଅହେମଦ୍ ସାହେବ୍, ସେ ନିଜର ଅନୁଭବକୁ ବ୍ୟକ୍ତ କରି କହିଲେ ଯେ ଯମାତ୍ ଅହେମଦୀୟା ଦଲିଲ୍ (ପ୍ରମାଣ) ସହିତ କଥା ହୋଇଥାଏ ଏବଂ ଦଲିଲ୍ ଦ୍ୱାରା କଥା ମନାଇଥାଏ । ଆପଣଙ୍କୁ କେବଳ ଏଥିପାଇଁ କଥା ମାନିବାକୁ ପଡ଼େନାହିଁ ଯେ ମୁଲ୍ଲାଃ ଏକଥା କହିଦେଲା ମୁଁ ତାକୁ ମାନିଯିବି । ମୁଁ ଆଜି ଖଲିଫତୁଲ୍ ମସିହଙ୍କ ହାତରେ ବୟତ କରିଛି । ଅହେମଦୀ ହେବା ପରେ ମତେ ବହୁତ ଶାନ୍ତି ଓ ସନ୍ତୋଷ ମିଳିଛି

ଫ୍ରାନ୍‌ସର ଜଣେ ନୌ ମୁବାଏ ଫ୍ଲୋରେଂଟ ସାହେବ ନିଜ ମନୋଭାବକୁ ବ୍ୟକ୍ତ କରି କହିଲେ: ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ହସ୍ତରେ ପ୍ରତ୍ୟକ୍ଷରୂପେ ବୟତ କରିବାର ସୌଭାଗ୍ୟ ମିଳିଲା । ଏହା ମୋ ଜୀବନର ବହୁତ ଆବେଗପୂର୍ଣ୍ଣ ଘଟଣା ଥିଲା ।

ଜଣେ ନୌମୁବାଏ ମହିଳା Therese Le Coq ସାହିବା ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ: ମୁଁ ପ୍ରଥମେ ଆଫ୍ରିକାରେ ଥିଲି ଏବଂ ଧର୍ମ ସହିତ ସଂଶ୍ଲିଷ୍ଟ ଥିଲି କିନ୍ତୁ ଯେବେଠାରୁ ମୁଁ ୟୁରୋପ ଆସିଲିଣି ସେବେଠାରୁ ଧିରେ ଧିରେ ଧର୍ମଠାରୁ ଦୁରେଇ ଗଲି । ଜଲ୍‌ସାକୁ ଆସିବା ପୂର୍ବରୁ ମୁଁ ବେମାର ଥିଲି କିନ୍ତୁ ଜଲ୍‌ସାରେ ଆସି ମୋର ଶାରିରୀକ ରୋଗ ତ ଦୂର ହୋଇଗଲା ଏବଂ ଏହି ଜଲ୍‌ସାର ମାହୋଲ୍ (ପରିବେଶ) ମତେ ପୁଣି ଦୀନ୍ (ଧର୍ମ)ର ସମ୍ପତି ପ୍ରଦାନ କରିଦେଲା । ଏହି କାରଣ ଯୋଗୁଁ ମୁଁ ଅହେମଦୀ ହେବାପାଇଁ ନିଷ୍ପତି କଲି ଓ ବୟତ କରିନେଲି ।

ତାଙ୍କ ସ୍ୱାମୀ ଏକଥା କହିଲେ ଯେ ଯେବେଠାରୁ ମୋ ପତ୍ନୀ ଜଲ୍‌ସାରେ ଯୋଗଦେଇ ବୟତ କଲେଣି, ସେ ନିୟମିତ ପାଂଚବେଳା ନମାଜ ପାଠ କରୁଛନ୍ତି । ଯେବେ କି ଆ ପୂର୍ବରୁ ସେ ମୁସଲମାନ ହିଁ ନଥିଲେ ।

ଫ୍ରାନ୍‌ସରୁ ବୟତ କରିଥିବା ଜଣେ ବନ୍ଧୁ ଲୁଇସ୍ ସାହେବ୍ କହିଲେ ଯେ ଆଜି ମୋ ଖୁସିର ସୀମା ନାହିଁ । ବୟତ କରି ମତେ ବହୁତ ଭଲ ଲାଗିଲା ଓ ଶାନ୍ତି ଅନୁଭବ ହେଉଅଛି । ଇନ୍‌ଶାଅଲ୍ଲାଃ ଆସନ୍ତାକୁ ବହୁତ ଭଲ ହେବ ।

**୭ ଅକ୍ଟୋବର ୨୦୧୯ (ସୋମବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୬:୪୫ ମିନିଟରେ ଫଜର୍ ନମାଜ ପଢ଼ାଇଲେ ନମାଜ ପାଠ ପରେ ହଜୁର ନିଜ ଆବସସ୍ଥଳୀକୁ ଚାଲିଗଲେ । ଆଜି ପ୍ରୋଗ୍ରାମ ମୁତବାକ ବଇତୁଲ୍ ଅତା (ଜଲ୍‌ସାଗାଃ)ଠାରୁ ମସ୍‌ଜିଦ୍ ମୁବାରକ Saint Prix ନିମନ୍ତେ ଯାତ୍ରା କରିବାର ଥିଲା ।

ପ୍ରୋଗ୍ରାମ ମୁତାବକ ଠିକ୍ ୧୧:୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ ଓ ସେଠାରେ ଉପସ୍ଥିତ ଥିବା ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ ଓ ସେଠାରୁ କାଫିଲା ଗସ୍ତ ଆରମ୍ଭ କଲା । ଏଠାରୁ ଯମାତ୍‌ର କେନ୍ଦ୍ରିୟ ମିଶନ୍ ହାଉସ୍ ଦାରୁସ୍ ସଲାମ୍ ଏବଂ ମସ୍‌ଜିଦ୍ ମୁବାରକର ଦୁରତା ହେଉଛି ୬୦ କିମି ।

ଫ୍ରାନ୍‌ସର ଯମାତ୍ ଅହେମଦୀୟାର ଏହା ହେଉଛି ପ୍ରଥମ କେନ୍ଦ୍ରୀୟ ମିଶନ୍ ହାଉସ୍ ଓ ପ୍ରଥମ ମସ୍‌ଜିଦ୍ ଯାହା Saint Prix ର ଇଲାକା ପ୍ୟାରିସ୍‌ର ନିକଟବର୍ତୀ ଇଲାକାରେ ରହିଛି । ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ପ୍ୟାରିସ୍‌ର ବିଭିନ୍ନ ଯମାତ୍‌ଗୁଡ଼ିକରୁ ଯମାତ୍‌ର ପୁରୁଷ ଓ ମହିଳାମାନେ ସକାଳୁ ହିଁ ଏକତ୍ରିତ ହେବା ଆରମ୍ଭ କରିଦେଇଥିଲେ । ଠିକ୍ ୧୨:୨୦ ମିନିଟରେ ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କର ଗାଡ଼ି ମିଶନ ହେଉଇର ପ୍ରାଙ୍ଗଣ ଭିତରେ ପ୍ରବେଶ କଲା । ସେଠାରେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବାପାଇଁ ଚାରିଆଡ଼େ ହାତଗୁଡ଼ିକ ଉପରକୁ ଉଠୁଥିଲା ଓ ଛୋଟ ଛୋଟ ଝିଅପିଲାମାନେ ସ୍ୱାଗତ ସମ୍ବର୍ଦ୍ଧନା ମୁଳକ ଗିତ ସମବେତ କଣ୍ଠରେ ଉପସ୍ଥାପନ କରୁଥିଲେ । ଅହଲଉଁ ୱ ସହଲଉଁ ୱ ମରହବା ୟା ଅମୀରୁଲ୍ ମୁମିନିନ୍ ର ଧ୍ୱନି ଗୁଞ୍ଜରଣ ହେଉଥିଲା । ଯେତେବେଳେ ହଜୁର ଅନଓ୍ୱର ଅ:ବ:ଅ ଗାଡ଼ିରୁ ବାହାରକୁ ବାହାରିଲେ ସେତେବେଳେ ଗୋଟିଏ ପିଲା ଅଜିଜମ୍ ଫରିଦ୍ ଅହେମଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ଫୁଲତୋଡ଼ା ଉପସ୍ଥାପନ କଲେ ଓ ଗୋଟିଏ ଝିଅପିଲା ଅଜିଜା ଆଇଶା ମନ୍‌ସୁର୍ ହଜ୍‌ରତ୍ ବେଗମ୍ ସାହିବା ମଦଜିଲ୍ଲହାଙ୍କ ସେବାରେ ଫୁଲତୋଡ଼ା ପେଶ୍ କଲେ ।

ହଜୁର ଅନଓ୍ୱର ଅ:ବ:ଅ ନିଜର

ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୁ ଆଲୈକୁମ୍ କହିଲେ, ତା'ପରେ ନିଜ ଆବାସସ୍ଥଳୀକୁ ଚାଲିଗଲେ । ମିଶନ୍ ହାଉସ୍ ସହିତ ସଲଗ୍ନ କେତେକ ନୂଆ ଗୃହ ନିର୍ମାଣ କରାଯାଇଛି ତେଣୁ ହଜୁର ଅନଓ୍ୱର ଅ:ବ:ଅ ସେ ସମ୍ବନ୍ଧରେ ପଚାରି ବୁଝିଲେ । ଅମୀର ସାହେବ ଫ୍ରାନ୍ସ ବତାଇଲେ ଯେ, ଗୋଟିଏ ପଟେ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଫ୍ରାନ୍ସର କାର୍ଯ୍ୟାଳୟ ନିର୍ମାଣ କରାଯାଇଅଛି ଓ ଅନ୍ୟପଟେ ଫାଇନାନ୍ସ ଦଫ୍‌ତର ତିଆରି କରାଯାଇଅଛି । ସେହିଭଳି ଗୋଟିଏ ମିଟିଙ୍ଗ ରୁମ୍ ମଧ୍ୟ ନିର୍ମାଣ କରାଯାଇଅଛି ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୨:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକରେ ପଦାର୍ପଣ କରି ଜୋହର୍ ଏବଂ ଅଶର ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ପ୍ରୋଗ୍ରାମ ମୁତାବକ ସଂଧ୍ୟା ୫:୧୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ।

ମିଶନ୍ ହାଉସ୍‌ର ନିକଟବର୍ତୀ ଇଲାକା Sarcelles ର ଡ଼େପୁଟି ଗଭର୍ଣ୍ଣର Mr. Denis Dobo Scho Enenberg ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାପାଇଁ ଆସି ପହଂଚିଥିଲେ । ସେ ମହାଶୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଜଣାଇଲେ ଯେ, ସେ ହେଉଛନ୍ତି ନିକଟବର୍ତୀ Sarcelles ଇଲାକାର ଡ଼େପୁଟି ଗଭର୍ଣ୍ଣର । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କହିଲେ ଯେ ଆପଣଙ୍କ ଅନ୍ତର୍ଗତ ଓ ଆପଣଙ୍କ ଅଧିନରେ କେତେ ଲୋକ, କେତେ ସହର ଏବଂ କେତୋଟି ଗ୍ରାମ ଅଛି ? ଏଥିରେ ଗଭର୍ଣ୍ଣର ସାହେବ କହିଲେ, ୬୨ଟି ଭିନ୍ନ ଭିନ୍ନ ସହର ଏବଂ କସବା ତାଙ୍କ ଅଧିନରେ ଅଛି ଏବଂ ତାଙ୍କ ରିଜିଓନ୍‌ରେ ୪ ଲକ୍ଷ ୭୨ ହଜାର ଲୋକ ଅଛନ୍ତି । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ମହାଶୟ ବତାଇଲେ ଯେ, ଫ୍ରାନ୍ସରେ ବିଗତ ଦିନଗୁଡ଼ିକରେ ଯେଉଁ ପ୍ରୋଟେଷ୍ଟ ହୋଇଥିଲା ତାହା ଅଧିକାଂଶ ପ୍ୟାରିସ୍‌ରେ ହୋଇଥିଲା ତାଙ୍କ ଇଲାକାରେ ବହୁତ କମ୍ ହୋଇଥିଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ହଙ୍ଗାମା ହୋଇଥିଲା ଓ ଲୋକମାନେ ରାସ୍ତା ଉପରକୁ ଓହ୍ଲାଇ ଆସିଥିଲେ ତା'ର କଣ କାରଣ ଥିଲା ? ଏଥିରେ ସେ ମହାଶୟ କହିଲେ ଯେ, ଆର୍ଥିକ କାରଣ ଏହାର ଥିଲା । ବେରୋଜଗାରୀ ଏବଂ ଆଉ କିଛି ବ୍ରୋକେନହୋମ୍‌ରୁ ମଧ୍ୟ କାରଣ ଥିଲା କିନ୍ତୁ ଆମେ ଚେଷ୍ଟା କରୁଛୁ ଯେ, ଲୋକମାନଙ୍କୁ ଚାକିରି ମିଳୁ, ପିଲାଙ୍କ ପାଇଁ ସ୍କୁଲ୍ ନିର୍ମାଣ କରାଯାଉ ଏବଂ ପରିବହନ ବ୍ୟବସ୍ଥାକୁ ଉତମ କରାଯାଉ କିନ୍ତୁ ଏ କାମ ଏତେ ସହଜ ନୁହେଁ ।

ସେତିକିବେଳେ ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରାଯାଇଥିଲା ଓ ଆକ୍ରମଣକାରୀମାନେ ନିଜ ସାଥିମାନଙ୍କୁ ହିଁ ହତ୍ୟା କରିଦେଇଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ବ୍ୟକ୍ତି ଜଣକ ଆକ୍ରମଣ କରିଥିଲା ସେ ତ କିଛି ଦିନ ପୂର୍ବରୁ ହିଁ ଇସ୍‌ଲାମ୍ ଗ୍ରହଣ କରିଥିଲା । ସେ ତ ବିବାହ କରିବାପାଇଁ ମୁସଲମାନ ହୋଇଥିଲା ସେ କଣ ଜାଣିଛି ଯେ ଇସ୍‌ଲାମ୍‌ର ଶିକ୍ଷା କଣ । ଯେଉଁ ଲୋକମାନେ ମଧ୍ୟ ରାଡ଼ିକାଲାଇଜ୍ ହେଉଛନ୍ତି, ଯେଉଁ ମୌଲବୀମାନଙ୍କ ସହିତ ସେମାନଙ୍କର ସମ୍ପର୍କ ଓ ଯୋଗଯୋଗ ହେଉଅଛି ସେମାନେ ଅସଲ ଇସ୍‌ଲାମ୍ ଉପରେ ପରିଚାଳିତ ନୁହନ୍ତି । ଯେଉଁ କଥା ସେମାନେ ଶିଖାଉଛନ୍ତି ଇସ୍‌ଲାମ୍ ସହିତ ତାହାର କୌଣସି ସମ୍ପର୍କ ନାହିଁ । ଏ କଥା ଶୁଣି ବହୁତ ଦୁଃଖ ଲାଗିଲା ଯେ, ଆପଣଙ୍କ ପୋଲିସର ନିରିହ ଲୋକମାନଙ୍କୁ ହତ୍ୟା କରିଦିଆଗଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ବର୍ତମାନ ତ ସାରା ଦୁନିଆରେ ଅସ୍ଥିରତା ଲାଗିରହିଛି କେବଳ ଫ୍ରାନ୍ସରେ ନୁହେଁ ୟୁକେରେ ମଧ୍ୟ ବ୍ରେକଜିଟ୍ ଯୋଗୁଁ ଲୋକମାନେ ଅସ୍ତବ୍ୟସ୍ତ ହୋଇଗଲେଣି । ପୁଣି ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ କହିଲେ, ଆପଣ ନିଜର ଏହି ପୋଷ୍ଟ ପାଇଁ ନିୟମିତ ଭାବେ ଚୟନ ହେଉଛନ୍ତି ବା ଆପଣଙ୍କ ନାମକୁ ନାମଜଦ୍ କରାଯାଉଅଛି ? ଏଥିରେ ସେ ମହାଶୟ କହିଲେ ଯେ, ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ତାଙ୍କୁ ମୁନୟନ କରିଛନ୍ତି । ପୁଣି ସେ ବତାଇଲେ ଯେ, ମୁଁ ଡ଼ିପ୍ଲୋମାଟ୍ ରହିଛି ଜର୍ମାନୀ, କ୍ରୋଏସିଆ ଏବଂ କେନିୟା ଦେଶରେ କାମ କରିଛି । ସେହିପରି ଫ୍ରେନ୍‌ଚ ଆମ୍ବାସିରେ କଲଚରାଲ୍ କାଉନ୍‌ସିଲ ରୂପେ କାମ କରିଛି ।

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହା ମଧ୍ୟ ଗୋଟିଏ କାରଣ ଯେ, ଯମାତ୍ ସହିତ ଆପଣଙ୍କର ସୁସମ୍ପର୍କ ରହିଛି । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମେ ଯେଉଁଠାରେ ବି ବସବାସ କରୁ ବହୁତ ଶାନ୍ତିପୂର୍ଣ୍ଣ ରହିଥାଉ ଓ ଆମ ସମ୍ପ୍ରଦାୟ ଅତ୍ୟନ୍ତ ଶାନ୍ତିପ୍ରୀୟ । କେନିୟାରେ ମଧ୍ୟ ଆମର କମ୍ୟୁନିଟି ଅଛି ବିଭିନ୍ନ ସହରରେ ଆମର ମସ୍‌ଜିଦ୍ ଓ ସେଂଟରମାନ ରହିଛି । ଏବେ ଫ୍ରାନ୍ସରେ ଆମେ ଗୋଟିଏ ଫାର୍ମଲ୍ୟାଣ୍ଡରେ ଜଲସା କଲୁ ତାହା ବହୁତ ଉତମ ଓ ସୁନ୍ଦର ସ୍ଥାନ ଏଠାରୁ ୪୦ କିମି ଦୂରତାରେ ଅବସ୍ଥିତ । ମତେ ମୋ ନିଜର ରୁଚି ଅନୁସାରେ ସହର ତୁଳନାରେ ଏହିଭଳି ଖୋଲା ଇଲାକା ଅଧିକ ପସନ୍ଦ ଲାଗିଥାଏ । ଶେଷରେ ଚାଷ ପ୍ରସଙ୍ଗରେ ମଧ୍ୟ ବହୁତ ଗୁଡ଼ିଏ ବାର୍ତାଳାପ ହେଲା । ଏହି ସାକ୍ଷାତକାର ୬:୨୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ମହାଶୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ମୁବାରକ୍ ରେ ଥିବା ହଲ୍ ଭିତରକୁ ପ୍ରବେଶ କଲେ ।

**ୱାକିଫାତେ ନୌ ଝିଅମାନଙ୍କ ସହିତ କ୍ଲାସ**

ତା'ପରେ ପ୍ରୋଗ୍ରାମ ମୁତାବକ ଠିକ୍ ୬:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ୱାକିଫାତେ ନୌ ଝିଅପିଲାମାନଙ୍କର କ୍ଲାସ ଆରମ୍ଭ ହେଲା । ପ୍ରୋଗ୍ରାମର ଆରମ୍ଭ ପବିତ୍ର କୋରାନ୍ ପାଠରୁ ହେଲା ଯାହାକୁ ଅଜିଜା ଅଶ୍‌ନା ଅମଲ୍ ଆବୃତି କଲେ ଓ ଏହାର ଉର୍ଦ୍ଦୁ ଅନୁବାଦ ଅଜିଜା ସ୍ୱାଲେହ୍ ୟୁସୁଫ୍ ଏବଂ ଫ୍ରେନ୍‌ଚ ଅନୁବାଦ ଅଜିଜା ଇମାନା ହଦଓ୍ୱି ଉପସ୍ଥାପନ କଲେ ।

ତା'ପରେ ଅଜିଜା ସୌବିୟା ହିଫାଜତ୍ ହଜରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ହଦିସ୍‌ର ଆରବୀ ଆଲେଖ୍ୟ ପେଶ୍ କଲେ ଏବଂ ଅଜିଜା ଅନିଲା ଅନସ୍ ସେହି ହଦିସ୍‌ର ନିମ୍ନଲିଖିତ ଉର୍ଦ୍ଦୁ ଅନୁବାଦ ପଢ଼ି ଶୁଣାଇଲେ ।

ହଜରତ୍ ଅବଦୁଲ୍ଲାଃ ବିନ୍ ଉମର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଆଁ ହଜରତ୍ ସ:ଆ:ସ ମେମ୍ବର ଉପରେ ଖୁତ୍‌ବା ଦେବାବେଳେ ଏହି ଆୟତକୁ ପାଠ କଲେ । ଆକାଶ ତାହାଙ୍କ ଡ଼ାହାଣ ହାତରେ ଗୁଡ଼ାଇ ହୋଇ ରହିଛି ଯେଉଁ ଲୋକମାନେ ତାହାଙ୍କ ସମକକ୍ଷରେ ଅନ୍ୟ କାହାକୁ ଆଣି ଛିଡ଼ା କରୁଛନ୍ତି ସେ ସେଥିରୁ ହେଉଛନ୍ତି ପବିତ୍ର ଏବଂ ବହୁତ ଉର୍ଦ୍ଧରେ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା କହୁଛନ୍ତି ଯେ ମୁଁ ବହୁତ ଶକ୍ତିଶାଳୀ ଏବଂ କ୍ଷତିପୂରଣକାରୀ ଅଟେ । ତେଣୁ ମୋ ପାଇଁ ହିଁ ସମସ୍ତ ପ୍ରଶଂସା ହେବା ଉଚିତ । ମୁଁ ହେଉଛି ସମ୍ରାଟ ଏବଂ ମୋର ମହିମା ବହୁତ । ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଲ୍ଲାଃ ତାଲା ଏହିଭଳି ନିଜର ଶ୍ରେଷ୍ଠତାକୁ ବର୍ଣ୍ଣନା କରିଛନ୍ତି । ଆଁ ହଜରତ୍ ସ:ଆ:ସ ଏହି ବାକ୍ୟକୁ ବାରମ୍ବାର ବହୁତ ଉତ୍ସାହର ସହିତ ଆବୃତି କରୁଥିଲେ । ଏପରି କି ମେମ୍ବରଟି ଦୋହଲିବାକୁ ଲାଗିଲା ଓ ଆମେମାନେ ଭାବିଲୁ ଯେ, କଣ ଆପଣ ସ:ଆ:ସ ମେମ୍ବର ଉପରୁ ତଳକୁ ଖସି ନ ପଡ଼ନ୍ତୁ ।

ତା'ପରେ ଅଜିଜା ଆତିଫା ରଶିଦ୍ ଏହି ହଦିସ୍‌ର ଫ୍ରେନ୍‌ଚ ଭାଷାରେ ଅନୁବାଦ ପଢ଼ି ଶୁଣାଇଲେ । ତା'ପରେ ଅଜିଜା ସଲ୍‌ମା ମୁହମ୍ମଦ ହୁସେନ୍ ହଜରତ୍ ମସିହ ମଉଦ୍ ଆ:ସଙ୍କ ମଞ୍ଜୁମ୍ କଲାମ୍:

**କିସ୍ କଦର୍ ଜାହିର୍ ହୈ ନୂର୍ ଉସ୍ ମବଦଉଲ୍ ଅନ୍‌ୱାର୍ କା,**
**ବନ୍ ରହା ହୈ ସାରା ଆଲମ୍ ଆଇନା ଅବ୍‌ସାର୍ କା ।**

ରୁ କିଛି ନିର୍ବାଚିତ ପଦକୁ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ତା'ପରେ ଅଜିଜା ଆସ୍‌ମା କାହ୍ଲୁଁ ସେହି ପଦଗୁଡ଼ିକର ଫ୍ରେନ୍‌ଚ ଭାଷାରେ ଅନୁବାଦ ପଢ଼ି ଶୁଣାଇଲେ । ତା'ପରେ ଅଜିଜା ରମିଜାଃ ନସିର୍ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଆଲେଖ୍ୟକୁ ଉପସ୍ଥାପନ କଲେ ।

**ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ବାଣୀ**

"ଏକଥା ବିନା କୌଣସି ତର୍କରେ ଗ୍ରହଣଯୋଗ୍ୟ ଯେ ସେହି ସଚ୍ଚା ଏବଂ ପୂର୍ଣ୍ଣ ଈଶ୍ୱର ଯାହାଙ୍କ ଉପରେ ବିଶ୍ୱାସ ଆଣିବା ପ୍ରତ୍ୟେକ ବ୍ୟକ୍ତି ପାଇଁ ଜରୁରୀ ସେ ହେଉଛି ରବ୍‌ବୁଲ୍ ଆଲମିନ୍ (ସାରା ବ୍ରହ୍ମାଣ୍ଡର ପାଳନକର୍ତା) । ତାହାଙ୍କ ଈଶ୍ୱରତ୍ୱ କୌଣସି ବିଶେଷ ଜାତି ମଧ୍ୟରେ ସିମୀତ ନାହିଁ । ନା କୌଣସି ବିଶେଷ ଯୁଗ, ନା କୌଣସି ବିଶେଷ ଦେଶରେ ସିମୀତ ବରଂ ସେ ସମସ୍ତ ଜାତିର ଓ ସବୁ ଯୁଗର ପାଳନକର୍ତା ଅଟନ୍ତି ଏବଂ ସମସ୍ତ ସ୍ଥାନର ପାଳନ କର୍ତା ଅଟନ୍ତ । ସମସ୍ତ ଦେଶର ସେ ହେଉଛନ୍ତି ପାଳନକର୍ତା ଏବଂ ସମସ୍ତ କୃପାର ସେ ହେଉଛନ୍ତି ଉତ୍ସ । ସମସ୍ତ ଶାରିରୀକ ଓ ଆଧାତ୍ମିକ ଶକ୍ତି ତାହାଙ୍କଠାରୁ ମିଳୁଅଛି ଏବଂ ତାହାଙ୍କ ଦ୍ୱାରା ସମସ୍ତ ପାର୍ଥିବ ବସ୍ତୁ ଲାଳିତ ଓ ପାଳିତ ହେଉଛନ୍ତି । ପ୍ରତ୍ୟେକ ଜୀବର ସେ ହେଉଛନ୍ତ ସାହାରା ।

ଈଶ୍ୱରଙ୍କ କୃପା ସାର୍ବଜନିନ ଅର୍ଥାତ ସମସ୍ତଙ୍କ ପାଇଁ ତାହା ସମସ୍ତ ଜାତି, ସମସ୍ତ ଦେଶ ଏବଂ ସମସ୍ତ କାଳ ଉପରେ ପରିବ୍ୟାପ୍ତ । ଏହା ଏଥିପାଇଁ ଯେ କୌଣସି ଜାତିକୁ ଆପତି ଅଭିଯୋଗର ଅବସର ନ ମିଳୁ । ଏକଥା ନ କହନ୍ତୁ ଯେ ଈଶ୍ୱର ଅମୁକ ଅମୁକ ଜାତି ଉପରେ ଉପକାର କରିଛନ୍ତି କିନ୍ତୁ ଆମ ଉପରେ କରିନାହାନ୍ତି ବା ଅମୁକ ସମ୍ପ୍ରଦାୟ କୁ ତା' ତରଫରୁ ଐଶି ପୁସ୍ତକ ମିଳିଲା ଯଦ୍ୱାରା ସେମାନେ ସତପଥଗାମୀ

ହେବେ କିନ୍ତୁ ଆମକୁ ମିଳିଲା ନାହିଁ ବା ଅମୁକ ଯୁଗରେ ସେ ତା'ର ଐଶିବାଣୀ, ସ୍ୱର୍ଗବାଣୀ ଏବଂ ଐଶି ଚମତ୍କାର ଦ୍ୱାରା ପ୍ରକାଶ ହେଲା କିନ୍ତୁ ଆମ ଯୁଗରେ ଗୋପନରେ ରହିଲା । ଅତଏବ ସେ ଈଶ୍ୱରଙ୍କର କୃପା ସମସ୍ତଙ୍କ ପାଇଁ ହୋଇଥିବାରୁ ସମସ୍ତ ଆପତି ଅଭିଯୋଗ ରଦ୍ଦ ହୋଇଗଲା ଓ ସେ ଏପରି ପରିବ୍ୟାପ୍ତ ଚରିତ୍ର ପଦର୍ଶନ କରିଛନ୍ତି ଯେ କୌଣସି ଜାତିକୁ ମଧ୍ୟ ସେ ନିଜର ଭୌତିକ ଏବଂ ଆଧାତ୍ମିକ କୃପାରୁ/ ଅନୁଗ୍ରହରୁ ବଂଚିତ ରଖିନାହାନ୍ତି ଏବଂ ନ କୌଣସି ଯୁଗକୁ ବଂଚିତ ରଖିଛନ୍ତି ।"

ତା'ପରେ ଅଜିଜାଃ ରଗିବା ଜହୁର, ଅଜିଜା ଅଦିବା ଅଲିମ୍ ଏବଂ ଅଜିଜା ନାଏଲା ଅକ୍‌ରମ୍ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ୧୯୨୪ ମସିହାରେ ଫ୍ରାନ୍ସ ଗସ୍ତ ସମ୍ବନ୍ଧରେ ଗୋଟିଏ ପ୍ରେଜେନ୍‌ଟେସନ୍ ଉପସ୍ଥାପନ କଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଏକ ପୁସ୍ତକରେ ନୁଜୁଲେ ମସିହ୍ ଅର୍ଥାତ ହଜ୍‌ରତ୍ ମସିହ୍ ନାସିରିଙ୍କ ଅବତୀର୍ଣ୍ଣ ହେବା ସମ୍ବନ୍ଧରେ ତର୍କ କରି ଲେଖିଛନ୍ତି ଯେ, ଇଏ ଯେଉଁ କିଛି ହଦିସ୍‌ରେ ଆସିଛି ଯେ ମସିହ୍ ମଉଦ୍ ଆ:ସ ଦମସ୍କର ପୂର୍ବ ଦୀଗରେ ଗୋଟିଏ ଧଳା ମିନାର ଉପରେ ଅବତୀର୍ଣ୍ଣ ହେବେ, ଏହାର ଅସଲ ଅର୍ଥ ହେଉଛି ଏହା କି ସେ ଦମସ୍କର ପୂର୍ବ ଦୀଗରେ ଥିବ । ଦେଶରେ ମଜ୍‌ଭୁତ୍ ଏବଂ ନିସ୍କଳଙ୍କ ଦଲିଲ୍/ ପ୍ରମାଣମାନ ସହିତ ପ୍ରକଟ ହେବେ । କିନ୍ତୁ ସମ୍ଭବତଃ ତା'ର ଏକ ପ୍ରକାଶ୍ୟ ଅର୍ଥ ଏହିଭଳି ମଧ୍ୟ ପୂରଣ ହୋଇଯିବକି କେବେ ଆମକୁ ସେଠାକୁ ଯିବାର ଅବସର ମିଳିଯିବ ଅଥବା ଆମ ଖଲିଫାମାନଙ୍କ ମଧ୍ୟରୁ କୌଣସି ଖଲିଫା ଦମସ୍କ ଯାତ୍ରା କରିପାରନ୍ତି । ଅତଏବ ଅଲ୍ଲାଃ ତାଲା ଆପଣ ଆ:ସଙ୍କ ଏହି ବ୍ୟାଖ୍ୟାକୁ ମଧ୍ୟ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାନି ର:ଅଙ୍କ ଜରିଆରେ ପୂରଣ କରିଦେଲେ । ହଜ୍‌ରତ୍ ଖଲିଫା ସାନି (ଦ୍ୱିତୀୟ) ସିରିଆ ଏବଂ ଅନ୍ୟାନ୍ୟ ଦେଶଗୁଡ଼ିକୁ ଯାତ୍ରା କରି ଫ୍ରାନ୍ସ ମଧ୍ୟ ଆସିଥିଲେ ।

ଯମାତ୍ ଅହେମଦୀୟା ତରଫରୁ ଫ୍ରାନ୍ସରେ ତବ୍‌ଲିଗ୍ କାର୍ଯ୍ୟକ୍ରମ ପ୍ରତ୍ୟକ୍ଷ ଭାବେ ୧୯୨୪ ମସିହାରେ ପ୍ରାରମ୍ଭରେ ଆରମ୍ଭ ହୋଇଯାଇଥିଲା । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ନିଜ ଖୁଦାମ୍‌ମାନଙ୍କ ସହିତ Wembley Conference ରେ ଯୋଗଦେଇ ମସଜିଦ୍ ଫଜଲ୍ ଲଣ୍ଡନର ଭିତିପ୍ରସ୍ତର (ମୂଳଦୁଆ) ରଖିବା ପରେ ୨୬ ଅକ୍ଟୋବରରୁ ୩୧ ଅକ୍ଟୋବର ୧୯୨୪ ପର୍ଯ୍ୟନ୍ତ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍ ସହରରେ ବିରାଜମାନ ଥିଲେ । ହଜୁର ର:ଅଙ୍କ ସାଙ୍ଗରେ ହଜ୍‌ରତ୍ ସାହାବ୍‌ଜାଦା ମିର୍ଜା ଶିରଫ୍ ଅହ୍‌ମଦ୍ ର:ଅ, ହଜ୍‌ରତ୍ ହାଫିଜି ରୌଶନ ଅଲୀ ସାହେବ ର:ଅ, ହଜ୍‌ରତ୍ ଚୌଧୁରୀ ସର୍ ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ର:ଅ, ହଜ୍‌ରତ୍ ମୌଲବୀ, ଅବ୍‌ଦୁର୍ ରହିମ୍ ଦରଦ୍ ସାହେବ୍ ର:ଅ ଏବଂ ୧୮ ଜଣ ଖୁଦାମ (ସେବାକାରୀ) ମଧ୍ୟ ଆସିଥିଲେ । ନିଜ ଗସ୍ତର ଉଦ୍ଦେଶ୍ୟ ବର୍ଣ୍ଣନା କରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଗୋଟିଏ ସମ୍ବାଦଦାତା ଏଜେନ୍‌ସିର ପ୍ରତିନିଧିଙ୍କୁ କହିଲେ ଯେ: "ମୁଁ ଏ ଉଦ୍ଦେଶ୍ୟ ନେଇ ୟୁରୋପ ଯାତ୍ରା କରୁଅଛି ଯେ ୟୁରୋପ୍‌ର ଧାର୍ମିକ ଅବସ୍ଥାକୁ ନିଜ ଆଖିରେ ଦେଖି ସଠିକ୍ ଅନୁମାନ ଲଗାଇପାରିବ ଯଦ୍ୱାରା ମତେ ଏହି ଦେଶଗୁଡ଼ିକରେ ଇସ୍‌ଲାମ୍‌ର ପ୍ରଚାର ପ୍ରସାର ନିମନ୍ତେ ଏକ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାପାଇଁ ସାହାଯ୍ୟ ମିଳିଯିବ । ଯେହେତୁ ମୋର ଏ ଉଦ୍ଦେଶ୍ୟ ରହିଛି ଯେ ମୁଁ ଦୁନିଆରେ ସୁଲାହ୍ (ସନ୍ଧି/ମୈତ୍ରୀଭାବ)ର ଧ୍ୱଜାକୁ ଉତୋଳନ କରିବାକୁ ଚାହୁଁଛି । ମୁଁ ଏହା ଦେଖିବାକୁ ଚାହୁଁଛି ଯେ ପ୍ରାଚ୍ୟ ଓ ପାଶ୍ଚାତ୍ୟକୁ କେଉଁ ଜିନିଷ ମିଶାଇ ପାରିବ ।" (ଅଲ୍‌ଫଜଲ୍ ୨୯ ନଭେମ୍ବର ୧୯୨୪)

ତବ୍‌ଲିଗ୍ କାର୍ଯ୍ୟକ୍ରମ ବ୍ୟତିତ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ପ୍ୟାରିସ୍‌ଠାରେ ଗୋଟିଏ ନିର୍ମାଣଧିନ ମସ୍‌ଜିଦ୍‌କୁ ମଧ୍ୟ ଗସ୍ତ କଲେ ଓ ସେହି ମସଜିଦ୍‌ରେ ଆପଣ ର:ଅ ନମାଜ ମଧ୍ୟ ପଢ଼ାଇଲେ ଏବଂ ମସ୍‌ଜିଦ୍‌ର ମେହ୍‌ରାବ୍‌ରେ ଛିଡ଼ା ହୋଇ ନିଜ ଯମାତ୍ ସହିତ ବହୁତ ଲମ୍ବା ଦୁଆ କଲେ । ବରଂ ଆପଣ ର:ଅ ହେଉଛନ୍ତି ସର୍ବପ୍ରଥମ ବ୍ୟକ୍ତି ଯିଏ ଏଠାରେ ଦୁଆ କରିଛନ୍ତି ଆଉ କହିଛନ୍ତି:

''ମୁଁ ତ ଏଠାରେ ଏହି ଦୁଆ କରିଛି ଯେ, ହେ ଅଲ୍ଲାଃ ଏହି ମସ୍‌ଜିଦ୍ ଆମକୁ ମିଳିଯାଉ ଓ ଆମେ ଏହାକୁ ତୋ ଧର୍ମର ପ୍ରଚାର ପ୍ରସାର କରିବାର ମାଧମରୂପେ ବନାଇବାକୁ ସାମର୍ଥ୍ୟ ପାଉ'' **(ଅଲ୍‌ଫଜଲ୍ ୧୮ ଡ଼ିସେମ୍ବର ୧୯୨୪)** ।

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ସାନି ର:ଅ ପ୍ୟାରିସ୍‌ଠାରେ ଯେଉଁ ଆଶାର ମଞ୍ଜି ବୁଣିଥିଲେ ଏବେ ତାହା ଅଲ୍ଲାଃ ତାଲାଙ୍କ କୃପାରୁ ଫ୍ରାନ୍ସରେ ବ୍ୟାପି ଚାଲିଛି ଅଲ୍‌ହମ୍‌ଦୁଲ୍ଲିଲାଃ ।

ତା'ପରେ ଅଜିଜାଃ ଖୌଲା ଅହଦ୍ ଏବଂ ଅଜିଜାଃ ବୁଶ୍‌ରା ଲତିଫ୍ ପ୍ୟାରିସ୍ The Catacombs of Paris ଅର୍ଥାତ ପ୍ୟାରିସ୍‌ରେ ଢ଼ାଂଚାର ତହ୍‌ଖାନା ସମ୍ବନ୍ଧରେ ଗୋଟିଏ ପ୍ରେଜେଂଟଶେସନ ଉପସ୍ଥାପନ କଲେ ।

''କେଟାକୋମ୍ବ'' ୟୁନାନି ଶବ୍ଦ ''କାତା''ରୁ ଆସିଅଛି ଯାହାର ଅର୍ଥ ହେଉଛି ତଳେ ଏବଂ ଲାଟିନ୍ ଶବ୍ଦ ହେଉଛି କୋମ୍ବାଏ ଓ ତାହାର ଅର୍ଥ ହେଉଛି ପୋଲାସ୍ଥାନ ତେଣୁ କେଟାକୋମ୍ବ ମାଟି ଭିତରେ ଥିବା ଏପରି ଏକ ପୋଲା ସ୍ଥାନକୁ କୁହାଯାଏ ଯାହା ହାଡ଼ର ଢ଼ାଂଚାକୁ ରଖିବାପାଇଁ ବ୍ୟବହାର କରାଯାଇଥାଏ । କେଟାକୋମ୍ବ ର ଆରମ୍ଭ ଦ୍ୱିତୀୟ ଶତାବ୍ଦୀରେ ହୋଇଥିଲା ଓ ତାହା ରୋମ୍‌ରେ ଅବସ୍ଥିତ ସେଥିରେ ନିର୍ଯ୍ୟାତିତ ଇସାଇମାନେ ଲୁଚି ଉପାସନା କରୁଥିଲେ ଓ ସେମାନଙ୍କ ମଧ୍ୟରୁ ମରିଯାଇଥିବା ଲୋକମାନଙ୍କୁ ସେହିଠାରେ ହିଁ ପୋତି ଦେଉଥିଲେ । ସେହି ଇସାଇମାନଙ୍କ ବିଷୟରେ ସୁରାଃ ଅଲ୍‌କହଫ୍‌ର ଆୟତ ନଂ ୧୦ ରେ ''ଗୁମ୍ଫାବାଲା'' ନାମରେ ନାମିତ କରାଯାଇଅଛି । ଅତଏବ ଅଲ୍ଲାଃ ତାଲା କହୁଛନ୍ତି କଣ ତୁମେ ଏକଥା ଭାବୁଛ ଯେ, ଗୁମ୍ଫାରେ ରହୁଥିବା ଲୋକମାନେ ଓ ଲେଖାଲେଖି କରୁଥିବା ଲୋକମାନେ ଆମ ଚିହ୍ନମାନଙ୍କ ମଧ୍ୟରୁ ଗୋଟିଏ ଆଶ୍ଚର୍ଯ୍ୟ ଚିହ୍ନ ଥିଲେ ?

ପ୍ୟାରିସ୍‌ର ଏହି ତହ୍‌ଖାନାର ଧର୍ମର ଇତିହାସ ସହିତ କୌଣସି ସମ୍ବନ୍ଧ ନାହିଁ ଏହି ନାମଟି ରୋମ୍‌ର କେଟାକୋମ୍ବ ସନ୍ଦର୍ଭରେ ୧୭୮୬ ମସିହାରେ ନାମିତ କରାଯାଇଥିଲା । ବାସ୍ତବିକ ୪୫ ମିଲିୟନ ବର୍ଷପୂର୍ବେ ପ୍ୟାରିସ୍ ଏବଂ ତାହାର ଆଖପାଖ ଇଲାକା ଜଳମଗ୍ନ ଥିଲା ସେଥିଯୋଗୁଁ ଲାଇମ୍‌ଷ୍ଟୋନ୍‌ର ଏକ ଭଣ୍ଡାର ହୋଇଗଲା । ପୁଣି ଯେତେବେଳେ ସମୁଦ୍ରର ପାଣି ଚାଲିଗଲା ସେତେବେଳେ ସେହି ଗୁମ୍ଫାମାନଙ୍କ ଭିତରେ ଲୋକମାନେ ରହିବା ଆରମ୍ଭ କରିଦେଲେ । ତା'ପରେ ପୁଣି ଲୋକମାନେ ସେହି ଗୁମ୍ଫାରୁ ବାହାରି ସହରଗୁଡ଼ିକ ତିଆରି କରି ରହିଲେ ।

ଭବନ ନିର୍ମାଣ ଯୁଗରେ ପ୍ୟାରିସ୍‌ର ଲୋକମାନେ ସେହି ଗୁମ୍ଫାଗୁଡ଼ିକ ଭିତରୁ ଲାଇମ୍‌ଷ୍ଟୋନ୍ (Limestone) ବାହାର କରିଲେ ଏବଂ ସେହି ପଥରଗୁଡ଼ିକୁ ଭବନ ନିର୍ମାଣ ଏବଂ କିଲ୍ଲା ନିର୍ମାଣ ଇତ୍ୟାଦି କାର୍ଯ୍ୟରେ ଲଗାଇଲେ । ପ୍ୟାରିସ୍‌ର ଗୀର୍ଜାଘର ଏବଂ ପ୍ରଶିଦ୍ଧ ମ୍ୟୁଜିୟମ୍ (Louvre) ହେଉଛି ଏହାର ଉଦାହରଣ । ଧିରେ ଧିରେ ପ୍ୟାରିସ୍ ଏକ ସହର ହୋଇଗଲା ଏବଂ ସେଥିରେ ଲୋକମାନେ ରହିବାକୁ ଲାଗିଲେ । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ମୃତ ଲୋକମାନଙ୍କର ସଂଖ୍ୟା ବଢ଼ିଚାଲିଲା ଫଳତଃ କବ୍ରସ୍ଥାନରେ ଯାଗାର ଅଭାବ ହେଲା । ୧୮ ଶତାବ୍ଦି ଶେଷଆଡ଼କୁ ଫ୍ରାନ୍ସରେ ଲମ୍ବା ସମୟ ପର୍ଯ୍ୟନ୍ତ ବର୍ଷା ଲାଗି ରହିଲା ଯଦ୍ୱାରା ପ୍ୟାରିସ୍‌ରେ ଥିବା ଏହି କବ୍ରସ୍ଥାନ ପାଣିରେ ବୁଡ଼ିଗଲା । ମୁର୍ଦ୍ଦାରମାନଙ୍କର ହାଡ଼ଗୁଡ଼ିକ ସହର ସାରା ଭାଷିବାକୁ ଲାଗିଲା ଫଳତଃ ମହାମାରୀ ବ୍ୟାପିଗଲା । ତେଣୁ ସେ ସମୟର ସରକାର ବିଶେଷ ଅଧିକାର ହାଡ଼କୁ ନେଇ ଏହି ସମସ୍ତ ହାଡ଼ଗୁଡ଼ିକୁ ଯମା କରି ସେହି ତହ୍‌ଖାନା ଭିତରେ ଭିତରେ ପୋତିଦେବାକୁ ନିର୍ଦ୍ଦେଶ ଦେଲେ । ଏହିପରି ୧୭୮୬ ମସିହାରେ କବରଗୁଡ଼ିକର ତହ୍‌ଖାନା ବନାଇବା ଆରମ୍ଭ ହେଲା । ଅର୍ଥାତ ପ୍ୟାରିସ୍‌ର ପ୍ରତ୍ୟେକ କବ୍ରସ୍ଥାନରୁ ଢ଼ାଂଚା ବାହାର କିର ଅର୍ଥାତ କଙ୍କାଳଗୁଡ଼ିକୁ ବାହାର କରି ସେହି ତହ୍‌ଖାନା ଭିତରେ ରଖିଦିଆଗଲା ।

ବିଂଶ ଶତାବ୍ଦିର ପ୍ରାରମ୍ଭରେ ଏହି ତହ୍‌ଖାନାକୁ ପରିଦର୍ଶକମାନଙ୍କ ନିମନ୍ତେ ଖୋଲି ଦିଆଗଲା । ସ୍ଥାନୀୟ ଗାଇଡ୍ ଲୋକମାନଙ୍କୁ ଏହି ତହ୍‌ଖାନା ଭିତରକୁ ନେଇ ସେମାନଙ୍କୁ ହାଡ଼କଙ୍କାଳର ଗଦା ହାଡ଼ଗୁଡିକୁ ଦେଖାନ୍ତି ଏହି ତହ୍‌ଖାନା ୨୦୦ କିଲୋମିଟର ଲମ୍ବା ଅଟେ । ଏହାର କେବଳ ଦୁଇ କିଲୋମିଟର ପର୍ଯ୍ୟନ୍ତ ଇଲାକାକୁ ପର୍ଯ୍ୟଟକମାନଙ୍କ ନିମନ୍ତେ ଖୋଲାଯାଇଛି । ୧୩୧ ଟି ପାହାଚ ଓହ୍ଲାଇ ତହ୍‌ଖାନା ଭିତରକୁ ପ୍ରବେଶ କରିବାକୁ ପଡ଼ିଥାଏ । ପୁଣି ଆପଣ ସେ ସ୍ଥାନରେ ପହଂଚିବେ ଯେଉଁଠି ଚାରିଆଡ଼େ ହାଡ଼ ଏବଂ ଖପୁରୀ ଇତ୍ୟାଦି କଙ୍କାଳମାନ କ୍ରମାନୁସାରେ ରଖାଯାଇଅଛି । ଏହି ତହ୍‌ଖାନାର କାନ୍ଥଗୁଡ଼ିକ ମଧ୍ୟ ହାଡ଼ ଦ୍ୱାରା ନିର୍ମିତ ଏବଂ ଏହାର ତାପମାତ୍ରା ୧୪ ଡ଼ିଗ୍ରୀ ରହିଥାଏ ପାଖାପାଖି ପ୍ୟାରିସ୍ ସହରର ୬ ମିଲିୟନ ଲୋକମାନଙ୍କର କଙ୍କାଳ ଏହି ତହ୍‌ଖାନାରେ ମହ୍‌ଜୁଦ୍ ରହିଛି । ତହ୍‌ଖାନାରୁ ବାହାରକୁ ବାହାରିବାକୁ ହେଲେ ୧୧୨ଟି ପାହାଚ ଚଢ଼ି ବାହାରକୁ ବାହାରିବାକୁ ପଡ଼ିଥାଏ ଏହି ତହ୍‌ଖାନା ଭିତରେ ଜୀବନର ସବୁଠାରୁ ବଡ଼ ସତ୍ୟ ଫ୍ରେଂଚ ଭାଷାର ଗୋଟିଏ ପଦରେ ଲେଖାଯାଇଅଛି ଯାହାର ଅନୁବାଦ ହେଉଛି କିଛି ଏପରି:

ସମସ୍ତେ ଜନ୍ମ ହୋଇଥାନ୍ତି ପୁଣି ଚାଲିଯାଇଥାନ୍ତି, ନିଜର ଭାଗ୍ୟକୁ ଜାଣିବା ବିନା, ଯେମିତି ସମୁଦ୍ରର ଲହଡ଼ି ଗୁଡ଼ିକୁ ପାଣି ବୁହାଇ ନେଇଥାଏ, ପତ୍ରଗୁଡ଼ିକୁ ପବନ ଉଡ଼ାଇ ନେଇଯାଇଥାଏ, ପୁଣି ଗୋଟିଏ ରାତିରେ ମଣିଷର ଜୀବନ ଶେଷ ହୋଇଯାଇଥାଏ ।!

ତା'ପରେ ''ଏହି ୱକ୍‌ଫେ ନୌର କାଫିଲା'' ବିଷୟବସ୍ତୁ ଉପରେ ଆଧାରିତ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 12 Nov 2020 Issue No. 46

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୫ ଅକ୍ଟୋବର ୨୦୧୯ ଶନିବାରର ବଳକାଅଂଶ**

**ହଜୁର ଅନଓ୍ୱର ଅ:ବ:ଅଙ୍କ ଉଦ୍‌ଯାପନି ଅଭିଭାଷଣର ବଳକାଅଂଶ**

ଇଣ୍ଡିଆର ସାହାରନ୍‌ପୁରରୁ ଜଣେ ବନ୍ଧୁ ଅଖତର୍ ସାହେବ୍ ନିଜର ଅହେମଦୀୟତ ଗ୍ରହଣ କରିବା ସମ୍ବନ୍ଧରେ କହୁଛନ୍ତି ଯେ, ମୁଁ ୨୦୦୭ ମସିହାରେ ସ୍ୱପ୍ନରେ ଜଣେ ବୁଜ୍‌ରୁଗ୍ (ବୟଜ୍ୟେଷ୍ଠ ଧାର୍ମିକ ପୁରୁଷ)ଙ୍କୁ ଦେଖିଲି ଯାହାଙ୍କ ଚେହେରା ଜ୍ୟୋତିର୍ମୟ ଚେହେରା ଥିଲା ଓ ତାହା ମୋ ମନ ଉପରେ ଗଭୀର ପ୍ରଭାବ ପକାଇଲା । ପୁଣି କହୁଛନ୍ତି, ମୁଁ ଯେତେବେଳେ ୨୦୦୯ ମସିହାରେ ପାକିସ୍ତାନ ଯାଇଥିଲି ସେଠାରେ ଯମାତ୍ ଅହେମଦୀୟାର ବିରୋଧ ହେବା ବିଷୟ ଶୁଣିଥିଲି । ତେଣୁ ମୁଁ ଜାଣିବାକୁ ଚାହିଁଲି ଯେ, ଏ ଯମାତ୍ କଣ ମୁଁ ଅନୁସନ୍ଧାନ କରିବାପରେ ମତେ ଯମାତ୍ ଅହେମଦୀୟାର ଟୋଲ୍ ଫ୍ରୀ ନଂ ମିଳିଲା । ତେଣୁ ମୁଁ ଯମାତ୍ ସହିତ ଯୋଗାଯୋଗ କଲି । ପୁଣି ସେ କହୁଛନ୍ତି ଏହି ଅବଧି ମଧ୍ୟରେ ପୁଣି ଗୋଟିଏ ସ୍ୱପ୍ନ ହେଲା ସେଥିରେ ମୁଁ ଖଲିଫତୁଲ୍ ମସିହିଲ୍ ଖାମିସ୍‌ଙ୍କୁ ଦେଖିଲି ସେ ଗୋଟିଏ ଖଟ ଉପରେ ବସି ବୟତ ନେଉଥିଲେ ଓ ବହୁତ ଲୋକେ ତାଙ୍କ ହାତ ଉପରେ ହାତ ରଖି ବୟତରେ ସାମିଲ ହେଉଥିଲେ । ସେ କହୁଛନ୍ତି ମୁଁ ମଧ୍ୟ ହାତ ବଢ଼ାଇଲି କିନ୍ତୁ ମୋ ହାତ ପାଉନଥିଲା ଓ ମୋ ପଛରୁ ଏ ଶବ୍ଦ ଶୁଭୁଥିଲା ଯେ, ତୁମେ ପହଂଚି ପାରିବ ନାହିଁ । ପୁଣି ସେ କହୁଛନ୍ତି ଏହି ସ୍ୱପ୍ନଟି ଦେଖିବାପରେ ମୋ ମନର ବ୍ୟାକୁଳତା ଆହୁରି ବଢ଼ିଗଲା ଏବଂ ମୁଁ ନିଜର ଯୋଗାଯୋଗ ଟୋଲ୍‌ଫ୍ରୀ ସହିତ କରିଚାଲିଲି ଓ ମନ ଭିତରେ ଥିବା ସନ୍ଦେହକୁ ଦୁର କରିଚାଲିଲି । ସେହି ଦିନ ଗୁଡ଼ିକରେ ପୁଣି ଗୋଟିଏ ସ୍ୱପ୍ନ ଦେଖିଲି ଯେ ଗୋଟିଏ କାଫିଲା ମସ୍‌ଜିଦ୍ ଅକ୍‌ସା ଆଡ଼କୁ ବଢ଼ିଚାଲିଛି ଓ କେହି ଜଣେ ଡ଼ାକ ଛାଡୁଛି ଯେ, ତୁ ପହଂଚି ପାରିବୁ ନାହିଁ । କିନ୍ତୁ ଏହା ସତ୍ୱେ ମଧ୍ୟ ମୁଁ ଚେଷ୍ଟା କରିଚାଲିଲି ଏବଂ ସେହି କାଫିଲାରେ ସାମିଲ ହୋଇଯାଇଛି । ବୟତର ସେହି ଦୃଶ୍ୟ ଯାହାକୁ ମୁଁ ପୂର୍ବେ ଦେଖିଥିଲି ତାହା ମୁଁ ଦେଖୁଅଛି କିନ୍ତୁ ଯେତେବେଳେ ବୟତ କରିବାପାଇଁ ନିଜର ହାତକୁ ବଢ଼ାଉଛି ସେତେବେଳେ ଖଲିଫତୁଲ୍ ମସିହିଲ୍ ମୋ କଚଟିକୁ ଧରି ନିଜ ହାତ ଉପରେ ରଖିଦେଉଛନ୍ତି । ଏହି ସ୍ୱପ୍ନଟି ଦେଖିବାପାରେ ମୁଁ କାଦିୟାନ ଗଲି ଏବଂ ସେଠାରେ ବହୁତ ଭଲ ପ୍ରଭାବ ପଡ଼ିଲା । କିନ୍ତୁ କେତେକ ନିଜସ୍ୱ ସମସ୍ୟା ଯାଗୁଁ ବୟତ କରିବାପାଇଁ ସାହାସ ଜୁଟାଇ ପାରିଲିନାହିଁ ଏବଂ ପୁଣି କିଛି ଦିନ ପରେ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇଗଲା । ଏହି ଭଳି ଦିନ କଟିଚାଲିଲା । କିନ୍ତୁ ଯେଉଁ ସ୍ୱପ୍ନ ମୁଁ ଦେଖିଥିଲି ଓ ଅହେମଦୀମାନଙ୍କ ସହିତ ଏ ସମ୍ବନ୍ଧରେ ଯେଉଁ ବାର୍ତାଳାପ ହୋଇଥିଲା । ସେଥିଯୋଗୁଁ ମନ ଭିତରେ ଏକ ଅସ୍ଥିରତା ଲାଗି ରହିଥିଲା । ପୁଣି ସେ କହୁଛନ୍ତି ପରିଶେଷରେ ବହୁତ ଦିନ ପରେ ଏ ବର୍ଷ ମୁଁ ବୁଲାବୁଲି କରିବା ଉଦ୍ଦେଶ୍ୟରେ ସିମ୍‌ଲା ଗଲି ସେଠାରେ ଯମାତ୍ ଅହେମଦୀୟାର ଗୋଟିଏ ବୁକଷ୍ଟଲ୍ ବୁକ୍ ଫେୟାରରେ ଲାଗିଥିଲା । ତେଣୁ ତା ସାହାଯ୍ୟରେ ପୁର୍ନବାର ଯମାତ୍ ସହିତ ଯୋଗଯୋଗ ହୋଇଗଲା । ଏଥରକ ସନ୍ତୁଷ୍ଟତାର ସହିତ ଓ ସ୍ୱପ୍ନ ଦେଖିବା ଆଧାରରେ ମୁଁ ବୟତ କରିଦେଇଥିଲି ଓ ଯମାତ୍ ଅହେମଦୀୟାରେ ସାମିଲ ହୋଇଗଲି ।

ଅମୀର ସାହେବ ମାଲି ଲେଖୁଛନ୍ତି ଯେ, ମାଲି ଦେଶର କୋଲିକୋରୁ ରିଜିଓନ୍‌ର ଗୋଟିଏ ଗ୍ରାମରେ ଚଳିତ ବର୍ଷ ଯମାତ୍‌ର ମୁଳଦୁଆ ପଡ଼ିଲା । ଏହା ପୂର୍ବରୁ ଏ ଗାଁର ଲୋକମାନେ ନାସ୍ତିକ ଥିଲେ । ସେମାନଙ୍କର କୌଣସି ଧର୍ମ ନଥିଲା କିନ୍ତୁ ଅଲ୍ଲାଃ ତାଲାଙ୍କ କୃପାରୁ ଆମ ତବ୍‌ଲିଗ୍ କରିବା ଦ୍ୱାରା ସେମାନେ ଅହେମଦୀୟତ ଗ୍ରହଣ କରିନେଲେ । ସେ ଗାଁରେ ମସ୍‌ଜିଦ୍ ନଥିଲା, ଏବେ ଯମାତ୍ ସେଠାରେ ମସ୍‌ଜିଦ୍ ତିଆରି କରୁଛି । ମସ୍‌ଜିଦ୍ ର ଭିତିପ୍ରସ୍ତର ସ୍ଥାପନ ଅବସରରେ ଗାଁର ମୁଖିଆ ବତାଇଲେ ଯେ, ଆମେ ବହୁଦିନ ହେବ ଇମାମ୍ ମେହେଦୀଙ୍କ ଯମାତ୍‌ଙ୍କ ଅପେକ୍ଷା କରି ରହିଥିଲୁ । ପୁଣି ସେ କହିଲେ ଯେ, ଏହା ସେମାନଙ୍କର ସୌଭାଗ୍ୟ ଯେ, ଅଲ୍ଲାଃ ତାଲା ସେମାନଙ୍କୁ ନିଜ ଜୀବନରେ ହିଁ ଅହେମଦୀୟତ ଗ୍ରହଣ କରିବାର ସୌଭାଗ୍ୟ ପ୍ରଦାନ କଲେ । କାରଣ ତାଙ୍କ ବାପା ମଧ୍ୟ ଏହି ଅପେକ୍ଷାରେ ଥିଲେ ଯେ, ଇମାମ୍ ମେହେଦୀ ଆସିବେ ତା'ପରେ ସେ ତାଙ୍କୁ ଗ୍ରହଣ କରିବେ କିନ୍ତୁ ତାଙ୍କ ଜୀବନକାଳରେ ଇମାମ୍ ମେହେଦୀଙ୍କର ଏହି ବାର୍ତା ତାଙ୍କୁ ପହଂଚିପାରିନଥିଲା ।

ଘାନା ଦେଶର ନର୍ଦ୍ଦନ ରିଜିଓନ୍‌ର ମୁବ୍‌ଲିଗ୍ ସାହେବ ଲେଖୁଛନ୍ତି ଯେ, ଗୋଟିଏ ଇଲାକା ହେଉଛି ନସୁୱାନା ଯେଉଁ ଇଲାକାରେ ଅହ୍‌ଲେ ସୁନ୍ନତ ଫିଲ୍‌କାର ଅଧିକ ପ୍ରଭାବ ରହିଛି । ନର୍ଥରେ ମୁସଲମାନ ବହୁତ ଅଛନ୍ତି ସେଠାରେ ସୁନ୍ନି ଭୀଷଣ ବିରୋଧି । ସେମାନେ ମିଶର୍ ଦେଶରୁ ଫେବୃୟାରୀ ୨୦୧୯ ମସିହାରେ ଜଣେ ଆଲିମ୍‌କୁ ନେଇ ଆସିଲେ ଯଦ୍ୱାରା ଯେଉଁଠାରେ ନୂଆ ଯମାତ୍ କାଏମ୍ ହୋଇଛି ସେଠାରେ ତାଙ୍କ ଜରିଆରେ ଅହ୍‌ଲେ ସୁନ୍ନତ୍‌ର ମସ୍‌ଜିଦ୍ ପ୍ରତିଷ୍ଠା କରାଯିବ ଏବଂ ନଳକୂପ ଲଗାଇବେ । କାରଣ ସେଠାରେ ଯମାତ୍ ଅହେମଦୀୟା ନଳକୂପ ଲଗାଉଛି ଫଳତଃ ଲୋକମାନେ ଅହେମଦୀୟତକୁ ଛାଡ଼ି ତାଙ୍କ ସହିତ ଯାଇ ମିଶିଯିବେ । ତତ୍‌ସହିତ ସେମାନେ ଇମାମ୍ ମଧ୍ୟ ନିୟୋଜିତ କରିଦେଲେ ଓ ତାଙ୍କୁ ତିନି ସୋସିଡ଼ି ଦରମା ଦେବାପାଇଁ ଧାର୍ଯ୍ୟ କଲେ । ମିସିରି ଆଲିମ୍ ଜଣକ ନିଜ ପାଇଁ ସାତ ସୋସିଡ଼ି ର ତର୍‌ଜୁମାନ୍ ମଧ୍ୟ ରଖିଲେ ଏବଂ ଏହି ଲୋକମାନେ ସାରା ଇଲାକାକୁ ଗସ୍ତ କରିବାକୁ ଲାଗିଲେ କହୁଛନ୍ତି ଯେ, ପବିତ୍ର ରମ୍‌ଜାନ ମାସର ପ୍ରାରମ୍ଭରେ ତର୍‌ଜୁମାନ୍ (ଅନୁବାଦକାରୀ ଜଣକ) ମିସିରି ଆଲିମ୍‌ଙ୍କ ପଇସା ଚୋରି କରିନେଲା । ମିସିରି ଆଲିମ୍‌ଙ୍କ ପାଇଁ ଯେଉଁ ତର୍‌ଜୁମାନ୍ ରଖାଯାଇଥିଲା ତାକୁ ଇମାମ୍‌ଙ୍କଠାରୁ ଅଧିକ ଦରମା ମିଳୁଥିଲା । ସେ ଯାହା ହେଉ ଯଥେଷ୍ଟ ଅର୍ଥ ଥିଲା । ଇସ୍‌ଲାମେ ଅହେମଦୀୟତର ବିରୋଧରେ ଯେଉଁସବୁ ରାଷ୍ଟ୍ରଗୁଡ଼ିକ ସାହାଯ୍ୟ କରୁଛନ୍ତି ସେମାନେ ତାଙ୍କୁ ମଧ୍ୟ ସାହାଯ୍ୟ କରୁଥିବେ । ସେ ଯାହା ହେଉ ତାଙ୍କ ତର୍‌ଜୁମାନ୍ ଜଣକ ତାଙ୍କଠାରୁ ଟଙ୍କା ଚୋରି କରିନେଲା । ସେହି ମିସିରି ଆଲିମ୍ ଜଣକ ତର୍‌ଜୁମାନ୍‌କୁ ବହୁତ ବୁଝାଇଲେ ଯେ, ମୋରେ ଯେଉଁ ପଇସା ତୁମେ ଚୋରି କରିନେଇଛ ତାକୁ ଫେରାଇ ଦିଅ । କିନ୍ତୁ ସେ ଟଙ୍କା ଫେରାଇଲା ନାହିଁ । ଏଥିରେ ସେହି ମିସିରି ଆଲିମ୍ ଜଣକ ତର୍‌ଜୁମାନ୍‌ଙ୍କଠାରୁ ସମ୍ପର୍କ ଛିନ୍ନ କରିନେଲେ ଏବଂ ସେହି ଘରଠାରୁ ବାହାରି ଯାଇ ଆଉ ଗୋଟିଏ ଘରେ ଯାଇ ରହିଲେ ଏଥିରେ ତର୍‌ଜୁମାନ୍ ଜଣକ କ୍ରୋଧିତ ହୋଇ ତାଙ୍କୁ ଛୁରୀ ଦ୍ୱାରା ଆକ୍ରମଣ କରିଦେଲା ସେଥି ଯୋଗୁଁ ସେହି ମିସିରି ଆଲିମ୍ ଜଣକ ସେଠାରୁ ନିଜ ଦେଶକୁ ଫେରି ଚାଲିଗଲା । ଏହିଭଳି ଅଲ୍ଲାଃ ତାଲା ସେମାନଙ୍କର କୁଚକ୍ରାନ୍ତରୁ ବଂଚାଇଲେ ।

ଲାଇବେରିଆର ବୋମି କାଉଁଟିର ମୁବ୍‌ଲିଗ୍ ସାହେବ ଲେଖୁଛନ୍ତି ଯେ, କିଭଳି ବିରୋଧିମାନଙ୍କର ଅସଫଳ ଦେଖିବାକୁ ମିଳୁଅଛି । ସେ କହୁଛନ୍ତି ଆମେ ଗୋଟିଏ ଗାଁ ଯାହାର ନାମ ହେଉଛି ବେଫିନି ସେଠାକୁ ତବ୍‌ଲିଗ୍ କରିବାକୁ ଗଲୁ । ଏହି ଗାଁଟି ନିଜ ଆଖପାଖ ଅଂଚଳରେ ଥିବା ଗାଁମାନଙ୍କଠାରୁ ବଡ଼ ଏବଂ ଏ ଇଲାକାରେ ତାକୁ କେନ୍ଦ୍ରର ମାନ୍ୟତା ମିଳିଛି । ତବ୍‌ଲିଗ୍ ପରେ ସେମାନଙ୍କୁ ଦୁଇହଜାର ୧୯ ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜଲ୍‌ସା ସାଲାନା ଲାଇବେରିଆରେ ଯୋଗ ଦେବାପାଇଁ ନିମନ୍ତ୍ରଣ ଦିଆଗଲା । ଅତଏବ ଜଲ୍‌ସା ସାଲାନାରେ ଯୋଗଦେବା ପାଇଁ ସେଠାରୁ ଗୋଟିଏ ପାଂଚଜଣ ବିଶିଷ୍ଟ ୱ୍ଫଦ୍ ସାମିଲ ହେଲା । ସେଥିରେ ତାଙ୍କ ଇମାମ୍ ଏବଂ ପାରାମାଉଁଟ୍ର ଚିଫ୍ ମଧ୍ୟ ସାମିଲ ଥିଲେ । ତବ୍‌ଲିଗ୍ ଏବଂ ପୁଣି ଜଲ୍‌ସାର ପରିବେଶରୁ ପ୍ରଭାବିତ ହୋଇ ସେ ବୟତ କରିବାପାଇଁ ଘୋଷଣା କଲେ । ନୌମୁବାଇନ୍‌ର ତର୍‌ବିୟତ ନିମନ୍ତେ ଯମାତ୍ ତରଫରୁ ସେଠାରେ ଜଣେ ସ୍ଥାନୀୟ ମୁଅଲିମ୍‌ଙ୍କୁ ନିୟୋଜିତ କରିଦିଆଗଲା । ସେ ସେଠାକୁ ଯିବା ସଙ୍ଗେ ସଙ୍ଗେ ତାଲିମୁଲ୍ କୁର୍‌ଆନ୍‌ର କ୍ଲାସ୍ ଆରମ୍ଭ କରିଦେଲେ ଏବଂ ପିଲାମାନଙ୍କୁ ନମାଜ ଓ ଅନ୍ୟାନ୍ୟ ଧାର୍ମିକ କଥା ଶିକ୍ଷା ଦେବା ଆରମ୍ଭ କରିଦେଲେ । ଏହି ଅବଧି ମଧ୍ୟରେ ଯେତେବେଳେ ବିରୋଧିମାନେ ଜାଣିପାରିଲେ ଯେ, ଏ ଇଲାକାରେ ଅହେମଦୀୟତର ମୁଳଦୁଆ ପଡ଼ିଲାଣି, ସେମାନେ ଗୋଟିଏ ୱ୍ଫଦ୍ ଆକାରରେ ସେହି ଗାଁକୁ ଯିବାପାଇଁ ପ୍ରୋଗ୍ରାମ ତିଆରି କଲେ ଯେଉଁଥିରେ ବୋମି କାଉଁଟିର ଅଣଅହେମଦୀଙ୍କର ଚିଫ୍ ଇମାମ୍ ଥିଲା । ଯେତେବେଳେ ଏହି ଲୋକମାନେ ସେଠାରେ ପହଂଚିଲେ ସେତେବେଳେ ପାରମାଉଁଟ୍‌ର ଚିଫ୍‌ଙ୍କ ସହିତ ସାକ୍ଷାତ କରି ଏକଥା ମନାଇବାପାଇଁ ଚେଷ୍ଟା କଲେ ଯେ, ଅହେମଦୀମାନେ ଭଲ ମୁସଲମାନ ନୁହନ୍ତି । ପୂର୍ବରୁ ପାରାମାଉଁଟ୍‌ର ଚିଫ୍ ତାଙ୍କୁ ବହୁତ ଥର ନମ୍ରତାର ସହିତ ପଚାରିଲେ ଯେ, ମତେ ଏପରି କୌଣସି କଥା ବତାଇଦିଅ ଯେଉଁଥିରେ ଏକଥା ପ୍ରମାଣିତ ହେଉଥିବ ଯେ, ଅହେମଦୀମାନେ ଭଲ ମୁସଲମାନ ନୁହନ୍ତି । ଏଥିରେ ମୌଲବୀ ସାହେବ କହିଲେ ଯେ, ଅହେମଦୀମାନେ କୋରାନକୁ ମାନୁନାହାନ୍ତି ଏବଂ କେବଳ ଆପଣମାନଙ୍କୁ ସେମାନେ ବୋକା ବନାଇ ଚାଲିଛନ୍ତି ଯେ, ଆମେ କୋରାନ୍‌କୁ ମାନୁଅଛୁ । ଏଥିରେ ଚିଫ୍‌ଙ୍କୁ ବହୁତ ରାଗ ଲାଗିଲା ଓ ସେ ତାଙ୍କୁ ସମ୍ବୋଧନ କରି କହିଲେ ଯେ, ବିଗତ ୨୦ ବର୍ଷ ହେବ ତୁମମାନଙ୍କ ମଧ୍ୟରୁ କେହି ମଧ୍ୟ ଆମ ଗାଁକୁ ଆସିନାହାନ୍ତି ଯେ ସେ କୋରାନ୍ ପଢ଼ାଇବେ ଏବେ ଯେତେବେଳେ ଅହେମଦୀମାନେ ଆସିଛନ୍ତି ଓ ସେମାନେ ଆମକୁ ଧର୍ମଶିକ୍ଷା ଦେବା ଆରମ୍ଭ କରିଛନ୍ତି ଏତିକିବେଳେ ତୁମେମାନେ ସେମାନଙ୍କୁ ରୋକିବାପାଇଁ ଆସି ପହଂଚିଗଲ ।

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**